# ପଲ୍ଲୀଛକ-କରୁଆଳ ରାସ୍ତା କାମ ଅଧପନ୍ତରିଆ



ନୟାହାଟ, ୭।୨ (ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ବଉଲାଙ୍ଗ ପଞ୍ଚାୟତର ପଲ୍ଲିଛକ-କରୁଆଳ ରାସ୍ତା ଗ୍ରାମ ଉନ୍ନୟନ ବିଭାଗ ଅଧୀନରେ ଅଛି। ଦୀର୍ଘଦିନ ଧରି ହେଲା ରାସ୍ତା ମରାମତି ନହେବାରୁ ଶୋଚନୀୟ ହୋଇପଡ଼ିଛି। ରାସ୍ତାର ନବୀକରଣ ପାଇଁ ଟେଣ୍ଡର ହେବା ପରେ ଠିକାଦାର ରାସ୍ତାକୁ ଖୋଳି ୫ ଦିନ ହେବ ପକାଇ ରଖିବା ଫଳରେ ଯାତାୟତରେ ଲୋକମାନେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାଦେଇ କୋଣାର୍କ, ପୁରୀ ଓ କାଳିଆଗାଦି ଯାଉଥିଲା ବାଇକ୍ ଆରୋହୀ ଯାଉଥିବା ବେଳେ ଗ୍ରାମରୁ ଆମ୍ବୁଲାନ୍ସ ଗାଡି ଆସିବାରେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଠିକାଦାର ତୁରନ୍ତ କାମ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

# ଲୋକକଳା ମାଧ୍ୟମରେ ସଚେତନତା



ସାକ୍ଷୀଗୋପାଳ, ୭।୨ (ସମିସ): ଓଡ଼ିଶା ସରକାରଙ୍କ ରାଜ୍ୟରେ ବିଭିନ୍ନ ଯୋଜନା ସମ୍ପର୍କରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସତ୍ୟବାଦୀ ବ୍ଲକରେ ଲୋକକଳା ମାଧ୍ୟମରେ ଜନସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ବ୍ଲକର ୨୪ଟି ପଞ୍ଚାୟତର ସବୁ ୱାର୍ଡରେ ପାଲା, ଦାଶକାଠିଆ ଓ ସଂକିର୍ତ୍ତନ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଜନସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ତଥା ଉକ୍ତ କାର୍ଯ୍ୟକ୍ରମର ନୋଡାଲ ଅଫିସର ସଲିଳ କୁମାର ଦାଶ, ଡ୍ବ୍ଲ୍ୟୁଇଓ ରଶ୍ମି ରଞ୍ଜନ ସାହୁ, ବିପିଏମ ଶାଶ୍ୱତୀ ଦାଶ ଓ ସତ୍ୟବାଦୀ ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ରମେଶଚନ୍ଦ୍ର ପଲେଇ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ମଣ୍ଡଳ ଉନ୍ନୟନ ଅଧିକାରୀ ଲିପ୍ସା ରାୟଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପଞ୍ଚାୟତରେ ଜନସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ନୋଡାଲ ଅଫିସର ଶ୍ରୀ ଦାଶଙ୍କ ଠାରୁ ସୂଚନା ମିଳିଛି।

■ ସରପଞ୍ଚଙ୍କ ପ୍ରତିନିଧି ହାତରେ ପଞ୍ଚାୟତ ଶାସନ

# ଗଣମାଧ୍ୟମ ପ୍ରତିନିଧିଙ୍କୁ ଅଶାଳୀନ ବ୍ୟବହାର

ନୂଆପଲମହାଟ, ୭।୨ (ସମିସ): ସରକାରଙ୍କ ନିର୍ମଳ ଭାବମୂର୍ତ୍ତି ଓ ସ୍ୱଚ୍ଛ ଶାସନ ସହ ବିଭିନ୍ନ ଉନ୍ନୟନମୂଳକ କାମ ଯୋଗୁଁ ଓଡ଼ିଶା ପ୍ରଗତିପଥରେ ଆଗେଇ ଚାଲିଛି। କିନ୍ତୁ ପଞ୍ଚାୟତସ୍ତରରେ କିଛି ଗୋପ ବ୍ଲକର ବିଭିନ୍ନ ପଞ୍ଚାୟତ ଏବେ ପ୍ରକ୍ସି ସରପଞ୍ଚଙ୍କ ଦ୍ୱାରା ଚାଲିଛି। ଏ ସମ୍ପର୍କରେ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ମଧ୍ୟ ପ୍ରକୃତ ନିର୍ବାଚିତ ସରପଞ୍ଚ କିମ୍ବା ତାଙ୍କ ପ୍ରତିନିଧି ଖାତିର୍ କରୁନାହାନ୍ତି। ବୁଧବାର ଦିନ ସାମ୍ବାଦିକ ପଞ୍ଚାୟତ କାର୍ଯ୍ୟାଳୟରେ ପହଁଞ୍ଚି ସରପଞ୍ଚଙ୍କୁ ଖୋଜିବାରୁ ପଞ୍ଚାୟତ ଅଫିସରେ ଉପସ୍ଥିତ ନଥିଲେ। କିନ୍ତୁ ସରପଞ୍ଚଙ୍କ ପ୍ରତିନିଧି ତଥା ପ୍ରକ୍ସି ସରପଞ୍ଚ ଭାବେ



ଜନପ୍ରତିନିଧି ତଥା ପ୍ରକ୍ସି ପ୍ରତିନିଧିଙ୍କ କାର୍ଯ୍ୟକଳାପ ସାଧାରଣରେ ଅସନ୍ତୋଷ ବାତାବରଣ ସୃଷ୍ଟି କରୁଛି। ନିମାପଡ଼ା ବ୍ଲକ ଅନ୍ତର୍ଗତ ବାହାରଣା ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ଅମ୍ରିତା ସ୍ୱାଇଁ ଦୀର୍ଘ ଦିନ ଧରି ପଞ୍ଚାୟତ ସମିତିକୁ ଆସୁନାହାନ୍ତି। ଶ୍ରୀମତୀ ସ୍ୱାଇଁ ଜିତିବା ଦିନ ଠାରୁ ପଞ୍ଚାୟତର ସମସ୍ତ ଦାୟିତ୍ୱ ତାଙ୍କ ସ୍ୱାମୀ ବୁଝୁଥିଲେ। କିନ୍ତୁ ଗତ କିଛି ଦିନ ତଳେ ତାଙ୍କ ସ୍ୱାମୀଙ୍କ ଦେହାନ୍ତ ପରେ ତାଙ୍କ ସାନ ଭାଇ ପ୍ରକ୍ସି ସରପଞ୍ଚ ଭାବେ କାମ କରୁଛନ୍ତି। ସମସ୍ତ କାର୍ଯ୍ୟ କରୁଥିବା ସରପଞ୍ଚଙ୍କ ଦିଅର ଗଣମାଧ୍ୟମ ପ୍ରତିନିଧିଙ୍କୁ ଅଶାଳୀନ ବ୍ୟବହାର କରିଥିଲେ। ସରପଞ୍ଚଙ୍କ ଫୋନ୍ ନମ୍ବର ମାଗିବାରୁ ଦେଇପାରିବି ନାହିଁ ବୋଲି କହିଥିଲେ। ସରପଞ୍ଚଙ୍କ ପ୍ରତିନିଧିଙ୍କ ଏପରି ବ୍ୟବହାର ସାଧାରଣରେ ଅସନ୍ତୋଷର ଖୋରାକ୍ ଆଣିଛି। ପ୍ରକ୍ସି ସରପଞ୍ଚଙ୍କ ବ୍ୟବହାର ପରିବର୍ତ୍ତନ ନହେଲେ ଗ୍ରାମବାସୀମାନେ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି।

# ନିମ୍ନମାନର ଓ ବାସିଖାଦ୍ୟର ପେଣ୍ଠସ୍ଥଳୀ ପାଲଟିଛି ପିପିଲି

## ଅଭିଯୋଗ ପରେ ବି ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଦେଖାମିଳୁନି

ପିପିଲି, ୭।୨(ସମିସ):

ପର୍ଯ୍ୟଟନ ଚିତ୍ରରେ ପିପିଲି ଚାନ୍ଦୁଆକୁ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏହି ଚାନ୍ଦୁଆ ସହରକୁ ପ୍ରତିଦିନ ଦେଶ ବିଦେଶରୁ ପର୍ଯ୍ୟଟକଙ୍କ ବେଶ ଭିଡ଼ ଜମୁଛି। ଚାନ୍ଦୁଆକୁ ଦେଖିବା ଅଥବା କିଣିବା ହେଉ ପ୍ରତ୍ୟେକ ସମୟରେ ପର୍ଯ୍ୟଟକମାନଙ୍କର ବେଶ ଭିଡ଼ ଜମିଥାଏ। ପିପିଲିରେ ଛୋଟ ବଡ଼ ପଚାଶରୁ ଊର୍ଦ୍ଧ୍ୱ ହୋଟେଲ ରହିଥିବା ବେଳେ ସେଠାରେ ପରିତ୍ୟକ୍ତ ଅବସ୍ଥାରେ ଖାଦ୍ୟ ପ୍ରସ୍ତୁତି ହେଉଛି। ପରିଷ୍କାର ପରିବେଶରେ ହୋଟେଲ କର୍ମଚାରୀମାନେ ବଳକା ଥିବା ଖାଦ୍ୟକୁ ଫ୍ରିଜରେ ରଖି ପରଦିନ ଏହାକୁ ଗରମ କରି ଗ୍ରାହକଙ୍କୁ ବିକ୍ରି କରୁଛନ୍ତି। ବଡ଼ ଡ଼ିପ୍‌ଫ୍ରିଜରରେ ମସଲା ଯୁକ୍ତ ଗ୍ରେଭି ଅମୃତଭଣ୍ଡା ସିଝାକୁ ରଖି ତାହାକୁ ବିଭିନ୍ନ ପ୍ରକାରର ମସଲାରେ ରୋଷେଇ କରି ତଟକା ଖାଦ୍ୟ ପରଷୁଛନ୍ତି। ଯାହାକୁ ଗରମ ଅବସ୍ଥାରେ ଜଣାପଡୁ ନ ଥିବା ବେଳେ ପରବର୍ତ୍ତି ସମୟରେ ବାସି ବୋଲି ଜଣାପଡ଼ିଥାଏ। ଅନ୍ୟପକ୍ଷରେ ବିଭିନ୍ନ ଛକ ବଜାରରେ ରାସ୍ତା କଡ଼ରେ ଫାଷ୍ଟଫୁଡ଼ ଦୋକାନ ଖୋଲି ବିଭିନ୍ନ ପ୍ରକାରର ରଙ୍ଗରେ ଖାଦ୍ୟ ପ୍ରସ୍ତୁତ କରିବା ସହିତ ନିମ୍ନମାନର ସସ୍ ରଖୁଛନ୍ତି। ଯାହାକୁ ଖାଇବା ଦ୍ୱାରା ଲୋକମାନେ ନାନା ପ୍ରକାର ରୋଗର ଶୀକାର ହେଉଛନ୍ତି। ତେବେ ଦୀର୍ଘ ଦିନ ଧରି ପିପିଲି ଉତ୍ତରା ଛକ, ଗୁଡ଼ିଆ ପୋଖରରୀ, ଜଇଶପାଟଣା, ନିମାପଡ଼ା ଛକ, ହାଟଛକ ଦାଣ୍ଡମୁକୁନ୍ଦପୁର, ମଙ୍ଗଳପୁର ମଧୁବନ ଛକ, ତେଇଶପୁର, ସାତଶଙ୍ଖ, ଡ଼େଲାଙ୍ଗ ଛକ, ବାଜପୋୟ ଛକ ଆଦିରେ ଥିବା ହେଟେଲ ଏବଂ ଫାଷ୍ଟଫୁଡ଼ ଦୋକାନ ଉପରେ ପୁରୀ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଦୀର୍ଘ ପନ୍ଦର ବର୍ଷ ମଧ୍ୟରେ ସେଭଳି ଆଖି ଦୃଶିଆ ଚଢ଼ଉ କରି ନାହାନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଲୋକମାନେ ଯେତେ ଅଭିଯୋଗ କଲେ ମଧ୍ୟ କୌଣସି ସମୟରେ ଉକ୍ତ ଦୋକାନ ଉପରେ ଚଢ଼ଉ ହେଉନି। ଖାଦ୍ୟ ସୁରକ୍ଷା ଅଧିକାରୀ ବିଭିନ୍ନ ଦୋକାନରେ ଚଢ଼ଉ କରି ଖାଦ୍ୟର ନମୁନାକୁ ସଂଗ୍ରହ କରି ୪୦ ଦିନ ମଧ୍ୟରେ ଏହାର ରିପୋର୍ଟ ମିଳିବା ପରେ ହେଟେଲ ଖୋଲିବାର ସରକାରୀ ନୀୟମ ରହିଛି। କିନ୍ତୁ ଏହାକୁ ଅଣଦେଖା କରାଯାଉଛି। ତେବେ ଏହା ଉପରେ ରାଜ୍ୟସ୍ତରୀୟ ଅଧିକାରୀ ପଦକ୍ଷେପ ଗ୍ରହଣ କରିବା ପାଇଁ ଗ୍ରାହକମାନେ ଦାବି କରିଛନ୍ତି।

## ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗ

# ରୋଗ ପ୍ରତିରୋଧକ ବ୍ୟବସ୍ଥା ସମ୍ବନ୍ଧୀୟ ପାଠଚକ୍ର

ଚାରିଛକ, ୭।୨ (ସମିସ): ନିମାପଡ଼ା ବ୍ଲକ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ପ୍ରାଣୀ ବିଜ୍ଞାନ ସମ୍ମାନ ବିଭାଗ ଆନୁକୂଲ୍ୟରେ ରୋଗ ଏବଂ ରୋଗ ପ୍ରତିରୋଧକ ବ୍ୟବବସ୍ଥା ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ସ୍ୱର୍ଣ୍ଣରଶ୍ମୀ ସାହୁଙ୍କ ଅଧ୍ୟକ୍ଷତାରେ ପାଠଚକ୍ରରେ ମୁଖ୍ୟ ଅତିଥିଭାବେ ପରିଚାଳନା କମିଟିର ସଭାପତି ଡଃ ସନ୍ତୋଷ ମିତ୍ର, ମୁଖ୍ୟବକ୍ତା ଭାବେ ସାଧନବ୍ୟକ୍ତିତ୍ୱ କମଳା ନେହ୍ରୁ ମହିଳା ମହାବିଦ୍ୟାଳୟ ଭୁବନେଶ୍ୱର ପ୍ରାଣୀ ବିଜ୍ଞାନ ବିଭାଗର ପ୍ରଫେସର ଡଃ ତାରା ପ୍ରସାଦ ମହାପାତ୍ର ଯୋଗଦେଇ ରୋଗ ଓ ରୋଗ ପ୍ରତରୋଧକ ବ୍ୟବସ୍ଥା ଉପରେ ତତ୍ୱପୂର୍ଣ୍ଣ ଅଭିଭାଷଣ ପ୍ରଦାନ କରିଥିଲେ। ଉକ୍ତ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ ସହିତ ପାଠଚକ୍ରର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଏଥିରେ ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପିକା ପୁଷ୍ପମିତ୍ରା ପଟ୍ଟନାୟକ, ପ୍ରାଧ୍ୟାପିକା ବିନୋଦିନୀ ଦାଶ, ପରୀକ୍ଷା ନିୟନ୍ତ୍ରକ ପ୍ରାଧ୍ୟାପକ ଡଃ ଅଶୋକ କୁମାର ବିଶ୍ୱାଳ, ଶିକ୍ଷା ବିଭାଗମୁଖ୍ୟା ଡଃ ଶ୍ରୀଲେଖା ନାୟକ, ଏନସିସି ମୁଖ୍ୟ ମେଜର ପୁଷ୍ପଲତା ଦତ୍ତ, ଡେମୋନଷ୍ଟ୍ରେଟର ଶୁଭ୍ରାଂଶୁ ଶେଖର ଜେନା ପ୍ରମୁଖ ନିଜ ନିଜର ମତ ପ୍ରଦାନ କରିଥିଲେ।

# ଆତ୍ମସୁରକ୍ଷା ଓ ବାଲ୍ୟବିବାହ ରୋକିବା ପାଇଁ ତାଲିମ ଶିବିର



ସାକ୍ଷୀଗୋପାଳ, ୭।୨ (ସମିସ): ସତ୍ୟବାଦୀ ବାଳିକା ଉଚ୍ଚବିଦ୍ୟାଳୟରେ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବାଳିକାମାନେ ନିଜକୁ ନିଜେ କିପରି ସୁରକ୍ଷା ଦେଇପାରିବେ ଶାରିରୀକ କୌଶଳ ସମ୍ପର୍କରେ ବିଦ୍ୟାଳୟ ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଜେନା ପ୍ରଶିକ୍ଷଣ ଦେଇଥିଲେ। ସେହିପରି ବାଲ୍ୟବିବାହ ରୋକିବା ସମ୍ପର୍କରେ ସତ୍ୟବାଦୀ ମହିଳା ଶିଶୁ ମଙ୍ଗଳ ବିଭାଗ କାର୍ଯ୍ୟାଳୟ ତରଫରୁ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଅପ୍ରାପ୍ତ ବୟସରେ ବିବାହ କଲେ ଶାରିରୀକ ସମସ୍ୟା ସହିତ ଆଇନ ବିରୁଦ୍ଧ ବୋଲି ସୁପରଭାଇଜର ରାଧାମଣୀ ଦେବୀ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅଙ୍ଗନବାଡି କର୍ମୀ ସହାୟିକା ଓ ବିଦ୍ୟାଳୟ ଶିକ୍ଷୟିତ୍ରୀ ଛାତ୍ରୀମାନେ ଉପସ୍ଥିତ ଥିଲେ।

# ଦେଶ ଗଢ଼ିବାରେ ଛାତ୍ରଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



କଣାସ, ୭।୨(ସମିସ): କଣାସ ବ୍ଲକ ଅର୍ନ୍ତଗତ ଦିବ୍ୟସିଂହପୁର ପଞ୍ଚାୟତର ତଇଲାଭଗବତୀପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ତଥା ଶିଶୁ ପ୍ରତିଭା ସମ୍ମାନ ଉତ୍ସବ କବି କାଶିନାଥ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କଣାସ ମଣ୍ଡଳ ସହଶିକ୍ଷାଧିକାରୀ ନାରାୟଣ ପ୍ରଧାନ, ପୂର୍ବତନ ସହଶିକ୍ଷାଧିକାରୀ ସର୍ବେଶ୍ୱର ଜେନା, ବୀରକିଶୋର ପ୍ରଧାନ, ଶିକ୍ଷାକ ନବକିଶୋର ଜେନା, ବ୍ରଜକିଶୋର ନାଥ, ଏସ୍‌ଏମସି ଅଧ୍ୟକ୍ଷ ନିର୍ମଳ କୁମାର ମାଝି, ସରପଞ୍ଚ ଝରଣା ମିଶ୍ର, ଅତିଥି ଭାବେ ଯୋଗଦେଇ ଦେଶ ଗଢିବାରେ ଛାତ୍ରଛାତ୍ରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଧାନଶିକ୍ଷକ ସାରଥି ଜେନା ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସାଧାନକର୍ମୀ ଅଜୟ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁବାସିନୀ ଦେଇ ଧନ୍ୟବାଦ ଅର୍ପଣ କରିଥିଲେ।୧୦୦ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ



କୃଷ୍ଣପ୍ରସାଦ, ୭।୨ (ସମିସ): କୃଷ୍ଣପ୍ରସାଦ ବ୍ଲକରେ ବୁଧବାର ଦିନ ସିଆଣ୍ଡି ଓ ସିଆଳ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସିଆଣ୍ଡି ପଞ୍ଚାୟତର ସରପଞ୍ଚ ଆଦିତ୍ୟ ରଞ୍ଜନ ପଲେଇଙ୍କ ସଭାପତିତ୍ୱରେ ଓ ସିଆଳ ପଞ୍ଚାୟତର ସରପଞ୍ଚ ରବି ନାରାୟଣ ମାଝୀଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଲକ୍ଷ୍ମୀଧର ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପ୍ରାଣନାଥ ବିଶ୍ୱାଳ, ବାବୁଲା ନାୟକ, ରମେଶ ଚନ୍ଦ୍ର ତରେଇ, ପ୍ରଶାନ୍ତ କୁମାର ପଲାଇ, ଶିକ୍ଷାବିତ ମୋଚିରାମ ନାୟକ, କନିଷ୍ଠଯନ୍ତ୍ରୀ କମଳାକାନ୍ତ ବାସ୍କେ, ସିପି ପ୍ରଭାତ କୁମାର ଜେନା, ଉମାକାନ୍ତ ମିଶ୍ର, ଏପିଓ ଅଭିନ୍ନ କୁମାର ପଲାଇ, ସିଆଣ୍ଡି ପଞ୍ଚାୟତ ପିଇଓ ପଙ୍କଜ ଲୋଚନ ବିଶ୍ୱାଳ, ସିଆଳ ପଞ୍ଚାୟତ ପିଇଓ ରଞ୍ଜନ କୁମାର ସେଠୀ ପ୍ରମୁଖ ବହୁ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ପରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନା ବିଷୟରେ ସାଧାରଣଲୋକଙ୍କୁ ଅବଗତ କରାଇଥିଲେ। ତତ ସହିତ ରାଜ୍ୟ ସରକାରଙ୍କ ଲୋକହିତକର ଯୋଜନା ଗୁଡ଼ିକ କିପରି ବାଟମାରଣା ନହେବ ସେ ବିଷୟରେ ଅତିଥିମାନେ ଆଲୋଚନା କରିଥିଲେ। ସଚେତନତା କାର୍ଯ୍ୟକ୍ରମରେ ମହିଳା ସ୍ୱୟଂ ଗୋଷ୍ଠୀର କର୍ମକର୍ତ୍ତା, ଅଙ୍ଗନବାଡ଼ି, ଆଶା, ଏମବିକେ, ସିଆରପିମାନେ ଯୋଗଦେଇଥିଲେ। ତିନି ମୌଜା କମିଟି ସମ୍ପାଦକ ପ୍ରଶାନ୍ତ କୁମାର ପଲେଇ ମଞ୍ଚ ପରିଚାଳନା କରିଥିଲେ।



ଗମ୍ଭାରୀପଦା/କାକଟପୁର : 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମାଞ୍ଚଳରେ ଯେଉଁ ସବୁ ଉନ୍ନୟନ କାର୍ଯ୍ୟ ରାଜ୍ୟ ସରକାରଙ୍କ ଦ୍ୱାରା ହାତକୁ ନିଆଯାଉଛି ତାହାରି ଉପରେ ସଚେତନତା ବାର୍ତ୍ତା ବଣ୍ଟନ କରାଯାଇଛି। ମଣ୍ଡଳ ଉନ୍ନୟନ ଅଧିକାରୀ ତୁଷାର ଜ୍ୟୋତି ରଞ୍ଜନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ପୁରୀ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ୭ନଂ ଯୋନ ଜିଲ୍ଲାପରିଷଦ ସଭ୍ୟା ସଂଯୁକ୍ତା ଦୀକ୍ଷିତ, ସରପଞ୍ଚ ଦୁଷ୍ମନ୍ତ ସ୍ୱାଇଁ, ନୂତନ ମଣ୍ଡଳ ଉନ୍ନୟନ ଭାବେ ନିଯୁକ୍ତ ନେବାପାଇଁ ଆସିଥିବା ବିଷ୍ଣୁ ଗୋବିନ୍ଦ, ବ୍ଲକ ଗ୍ରାମପଞ୍ଚାୟତ ଅଧିକାରୀ, ଏବଂ ଜିଏଲଏଫ ସଭାନେତ୍ରୀ ଓ ସମ୍ପାଦିକା ପ୍ରମୁଖ ଉପସ୍ଥିତ ଥିଲେ। ବକ୍ତାମାନେ ଶିବିରରେ ଉପସ୍ଥିତ ଜନସାଧାରଣଙ୍କୁ ରାଜ୍ୟ ସରକାରଙ୍କ ଜନହିତକାରୀ ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ। ସଭାକାର୍ଯ୍ୟ ଆରମ୍ଭରେ ବନ୍ଦେ ଉତ୍କଳଜନନୀ ସଙ୍ଗୀତ ଗାନ କରାଯାଇ ବିଗତ ଦିନମାନଙ୍କରେ କାକଟପୁର ବ୍ଲକର ଉନ୍ନୟନ କାର୍ଯ୍ୟର ଭିଡିଓ ଚିତ୍ର ପ୍ରଦର୍ଶନ କରାଯାଇଥିଲା।



ନିମାପଡ଼ା : ନିମାପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଟିଲୋ, ଡେଣୁଅ ଓ ମିଟେଇପୁର ପଞ୍ଚାୟରେ ବୁଧବାର ଦିନ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ୩ଟି ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଶାସନ ରାଜ୍ୟର ଗ୍ରାମାଞ୍ଚଳ ଓ ସହରାଞ୍ଚଳର ବିଭିନ୍ନ ଧାର୍ମିକସ୍ଥଳିର ବିକାଶ, ମହିଳା ସଶକ୍ତି କରଣ, ବ୍ୟାଙ୍କିଙ୍ଗ ଭିତ୍ତିଭୂମିର ସୁବିଧା, ଶିକ୍ଷାନୁଷ୍ଠାନର ରୂପାନ୍ତିକରଣ, ପାନୀୟ ଜଳ, ବିଜୁଳି, ଗମନାଗମନ, କ୍ରୀଡା ଭିତ୍ତିଭୂମିର ବହୁ ବିକାଶ ହୋଇଥିବା ନେଇ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ଚଳିତବର୍ଷ ସାଧାରଣ ନିର୍ବାଚନ ହେଉଥିବାରୁ ନବୀନ ବାବୁଙ୍କୁ ଷଷ୍ଠଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ କରାଇବାକୁ ଉପସ୍ଥିତ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ଅଶୋକ ସାହୁ, ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନୁଶ୍ୱୟା ମହାନ୍ତି, ଜିଲ୍ଲାପରିଷଦସଭ୍ୟ ପ୍ରଦୀପ୍ତ କୁମାର ଖଟୋଇ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅଜୟ କୁମାର ସ୍ୱାଇଁ, ଜିପିଓ ଗୁଣନିଧି ମିଶ୍ର, ମନୋସିନୀ ବେହେରା, ପ୍ରଭାକର ମଲ୍ଲିକ, ସୁଶାନ୍ତ ନାୟକ, ମୋହନ ମହାପାତ୍ର, ଦୁର୍ଯ୍ୟୋଧନ ବେହେରାଙ୍କ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ନୂତନ ଅତିରିକ୍ତ ତହସିଲଦାରଙ୍କ ଯୋଗଦାନ



କଣାସ, ୭।୨ (ସମିସ): କଣାସ ବ୍ଲକରେ ପ୍ରତିଷ୍ଠିତ କଣାସ ତହସିଲ୍ କାର୍ଯ୍ୟାଳୟରେ ଦୀର୍ଘଦିନ ହେଲା ୨ଟି ଯାକ ଅତିରିକ୍ତ ତହସିଲଦାର ପଦବୀ ଖାଲିପଡ଼ିଥିଲା। ଜନସାଧାରଣଙ୍କ ବାରମ୍ବାର ଦାବିପରେ ମଙ୍ଗଳବାର ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପେନ୍ଦ୍ର କୁମାର ସେଠି କଣାସ ତହଲିସ୍ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଶ୍ରୀସେଠି ପୂର୍ବରୁ କେନ୍ଦ୍ରାପଡ଼ା ସହଯୋଗ ଚକବନ୍ଦି ଅଧିକାରୀ ଭାବେ କାର୍ଯ୍ୟକରୁଥିଲେ।

# ଗୋପୀନାଥପୁର ପ୍ରିମିୟର ଲିଗ୍; ଫାଇନ୍ ଡଲ୍‌ଫିନ୍ ଚାମ୍ପିଅନ

କଣାସ, ୭।୨(ସମିସ):

କଣାସ ବ୍ଲକ ଅର୍ନ୍ତଗତ ଗୋପିନାଥପୁର ପଞ୍ଚାୟତର ଗୋପିନାଥପୁର ଖେଳପଡ଼ିଆରେ ମା' ଡୋମଣୀ କ୍ରିକେଟ୍ କ୍ଲବ ପକ୍ଷରୁ ଚାଲିଥିବା ଗୋପିନାଥପୁର ପ୍ରିମିୟର ଲିଗ୍ କ୍ରିକେଟ୍ ମ୍ୟାଚ୍ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ଗଡ଼ିଶାଗୋଦା ଥାନାଅଧିକାରୀ ଦୁର୍ଗାଚରଣ ମହାପାତ୍ର, ଏଏସଆଇ ଭୀମସେନ ମାଝୀ, ସତ୍ୟବାଦୀ ଯୁବ ବିଜେଡି ସଭାପତି ବସନ୍ତ କୁମାର ଜେନା, ସାଗର ପ୍ରଧାନ, ଶିକ୍ଷାବିତ ବିଜୟ ପ୍ରଧାନ, ସାମ୍ବାଦିକ ହେମନ୍ତ କୁମାର ମହାରଥୀ, ଶଶାଙ୍କ ପ୍ରଧାନ, ଦୈତାରୀ ପ୍ରଧାନ, ରଶ୍ମୀରଞ୍ଜନ ସାମନ୍ତରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ଯୁବକମାନଙ୍କ ମଧ୍ୟରେ ଭାଇଚାରା ସୃଷ୍ଟିଲାଗି କ୍ରିକେଟ୍ ମ୍ୟାଚ୍ ମୁଖ୍ୟ ଭୂମିକା ଗ୍ରହଣ କରୁଥିବା ସୂଚନା ଦେଇଥିଲେ। ଉଦ୍‌ଯାପନୀ ମ୍ୟାଚ୍ ବିଗ ବ୍ରଦର୍ସ ପାଇକମରା ସହିତ ଫାଇନ୍ ଡଲଫିନ୍ ଗୋପୀନାଥପୁର ମଧ୍ୟରେ ହୋଇଥିଲା। ବିଗ ବ୍ରଦର୍ସ ପ୍ରଥମେ ବ୍ୟାଟିଂ କରି ୧୬.୩ ବଲରେ ୧୩୬ ରନ କରି ସମସ୍ତ ଉଇକେଟ ହରାଇଥିଲା। ଜବାବରେ ଫାଇନ୍ ଡଲଫିନ ଗୋପୀନାଥପୁର ୧୫.୪ ବଲରେ ୭ ଉଇକେଟ ହରାଇ ୧୪୨ ରନ କରି ବିଜୟ ହୋଇଥିଲା। ମିଲୁ ଜେନା ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲା ମ୍ୟାନ ଅଫ ଦ ସିରିଜ ବିଗ ବ୍ରଦର୍ସର ବାଦଲ ବରାଳ ହୋଇଥିଲେ। ଚାମ୍ପିଅନ ଦଳକୁ ଚାମ୍ପିଅନ ଟ୍ରଫି ଓ ରନର୍ସଅପ ଦଳକୁ ରନର୍ସ ଟ୍ରଫି ଅତିଥିମାନେ ପ୍ରଦାନ କରିଥିଲେ। ଖେଳ ପରିଚାଳନା କରିଥିଲେ ବିଜୟ ବେହେରା, ବ୍ରଜବନ୍ଧୁ ପ୍ରଧାନ ଓ ବିଭୂତି ପ୍ରଧାନ। କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



# ରକ୍ତଦାନ ଶିବିର, ୩୧ ୟୁନିଟ୍ ରକ୍ତ ସଂଗ୍ରହ

ଚାରିଛକ, ୭।୨(ସମିସ): ନିମାପଡ଼ା ବ୍ଲକ ଅନ୍ତର୍ଗତ ଚାରିଛକଠାରେ ଥିବା ନିର୍ମାଲ୍ୟ ନର୍ସିଂହୋମରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ୩୧ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଭୁବନେଶ୍ୱର ମ୍ୟୁନିସପାଲଟି ହସ୍ପିଟାଲ ରକ୍ତ ଭଣ୍ଡାରର ଡାକ୍ତର କୈବଲ୍ୟ ପ୍ରସାଦ ପ୍ରଧାନଙ୍କ ନେତୃତ୍ୱରେ ଟିମ୍ ରକ୍ତଦାତାମାନଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ। ନର୍ସିଂହୋମର ନିର୍ଦ୍ଦେଶକ ଛବିରାୟ, ପରିଚାଳକ ବିଶ୍ୱଜିତ ମହାନ୍ତି, ଡା.ସଞ୍ଜୀବ କୁମାର ମହାପାତ୍ର, ଡା.ସ୍ନେହଲତା ଛୋଟରାୟ, ବିଶ୍ୱନାଥ ଦାଶ, ଆଶୁତୋଷ ବାରିକ, ବ୍ରହ୍ମାନନ୍ଦ ଭୋଇ ପ୍ରମୁଖ ସହଯୋଗ କରିଥିଲେ।



# ଶ୍ରୀକ୍ଷେତ୍ର ସିଟି

୭/୨/୨୦୨୪ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୩୫,୨୯୦/- ସୁନା: ୦୪.୭୨୦ ଗ୍ରାମ୍ ରୁପା: ୨୧.୬୫୦ ଗ୍ରାମ୍





## ୧୮ରେ ସାମୂହିକ ମାଗଣା ବ୍ରତୋପନୟନ

ପୁରୀ, ୭।୨(ସମିସ): ଶ୍ରୀରାମ ଚନ୍ଦ୍ର ସ୍ୱାମୀ ଚାରିଟେବୁଲ ଟ୍ରଷ୍ଟ ତରଫରୁ ପ୍ରତିବର୍ଷ ପରି ଚଳିତବର୍ଷ ଆସନ୍ତା ୧୮ ତାରିଖରେ ବୈଦିକ ରୀତିନୀତିରେ ସାମୁହିକ ମାଗଣା ବ୍ରତୋପନୟନ ଲୋକନାଥ ମନ୍ଦିର ନିକଟ ଥାନପତି ଆଶ୍ରମର ବାଲାଜୀ ମନ୍ଦିର ପରିସରରେ ଅନୁଷ୍ଠିତ ହେବ। ଜୀୟର ସ୍ୱାମୀ ମଠର ମହନ୍ତ ଇନ୍ଦିରା ରମଣ ରାମାନୁଜ ଦାସଜୀ ମହାରାଜଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହା କରାଯିବ। ତେବେ ବ୍ରତଧାରୀଙ୍କ ସହିତ ସମ୍ପର୍କୀୟଙ୍କ ରହିବା, ଖାଇବା ସହିତ ସମସ୍ତ ସାମଗ୍ରୀ ଯୋଗାଇ ଦିଆଯିବ। ଏଣୁ ରାଜ୍ୟ ଏବଂ ରାଜ୍ୟ ବାହାରର ଆଗ୍ରହୀ ବ୍ରାହ୍ମଣ ପରିବାର ଆସନ୍ତା ୧୫ ତାରିଖ ସୁଦ୍ଧା ଜୀୟର ସ୍ୱାମୀ ମଠ ବାଲିସାହି ପୁରୀ (୯୮୬୧୦୩୩୩୯୭) ସହ ଯୋଗାଯୋଗ କରି ଏହାର ସୁବିଧା ନେବା ପାଇଁ ଟ୍ରଷ୍ଟ ପକ୍ଷରୁ ଅନୁରୋଧ କରାଯାଇଛି।

## ଆଧ୍ୟାତ୍ମିକ ଚେତନାକୁ ଆପଣାଇବା ଲାଗି ଆହ୍ୱାନ

ପୁରୀ, ୭।୨ (ସମିସ): ପରନିନ୍ଦାରୁ ଦୂରେଇ ରହି ଏକ ଶୃଙ୍ଖଳିତ ସମାଜ ଗଠନରେ ଜନଗଣ ସମର୍ପିତ ହେବା ଦରକାର। ଏହାଦ୍ୱାରା ନିଜକୁ ଶାନ୍ତି ମିଳିବ ବୋଲି ଭାଗବତାକାର ବଦ୍ରି ମିଶ୍ର କହିଛନ୍ତି। ସ୍ଥାନୀୟ ୱାଟର ୱାର୍କସ୍ ରୋଡରେ ଅନୁଷ୍ଠିତ 'ଘରେ ଘରେ ଭାଗବତ' କାର୍ଯ୍ୟକ୍ରମରେ ବ୍ୟାସ ଭାବେ ଯୋଗଦେଇ ଶ୍ରୀ ମିଶ୍ର ଆଧ୍ୟାତ୍ମିକ ଚେତନାରେ ପ୍ରତିଟି ପରିବାର ଅମୃତମୟ ହେଉ ବୋଲି ଅଭିବ୍ୟକ୍ତି ରଖିଥିଲେ। ଆର୍ଯ୍ୟ ପଟ୍ଟନାୟକ ଓ ଝିମିଲି ପଟ୍ଟନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରବଚିକା ଶିକ୍ଷାବିତ୍ ନିର୍ମଳା ଫତେସିଂହ ରୁକ୍ମଣୀ ହରଣ ଉପାଖ୍ୟାନ ଉପରେ ସାରଗର୍ଭକ ପ୍ରବଚନ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସ୍ମାରକୀ, ବିଧାନ, ଜୟବର୍ଦ୍ଧନ, ସମ୍ଭାବ୍ୟ, ସାକେତ୍ ସୁନନ୍ଦା ପଟ୍ଟନାୟକ, ଏ. ମୀନାକୁମାରୀ, କାଞ୍ଚନବାଳା ଦଳାଇ, ମମତା ପଟ୍ଟନାୟକ, ଚୌଧୁରୀ ମିନତୀ ମହାନ୍ତି, ସୁଲୋଚନା ମିଶ୍ର, କୃଷ୍ଣପ୍ରିୟା ମହାପାତ୍ର, ଦ୍ରୌପଦୀ ବଳିୟାରସିଂହ, ଅଶୋକ କୁମାର ପଟ୍ଟନାୟକ, ରାଜଲକ୍ଷ୍ମୀ ମିଶ୍ର ପ୍ରମୁଖ ଯୋଗଦେଇଥିବା ବେଳେ କଣ୍ଠଶିଳ୍ପୀ ରାଜେନ୍ଦ୍ର ମିଶ୍ର ଓ କବିତା ରଥ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ।

## 'ନୂଆ-ଓ' ରାଜ୍ୟସ୍ତରୀୟ କ୍ରିକେଟ୍

ପୁରୀ, ୭।୨(ସମିସ): ପୁରୀ ଶ୍ରୀଜଗନ୍ନାଥ ଷ୍ଟାଡିୟମରେ ଚାଲିଛି ନୂଆ ଓ ରାଜ୍ୟସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତା। ମଙ୍ଗଳବାର ମହିଳା କ୍ରିକେଟ ପ୍ରତିଯୋଗିତାରେ ଅନୁଗୁଳ, ବଲାଙ୍ଗୀର, ବାଲେଶ୍ୱର, ବରଗଡ଼ ଓ କୋରାପୁଟ ବିଜୟୀ ହୋଇଥିବା ବେଳେ ବୁଧବାର ମ୍ୟାଚ୍‌ରେ ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ଢେଙ୍କାନାଳ ଓ ଗଜପତି ଜିଲ୍ଲା ବିଜୟୀ ହୋଇଛନ୍ତି। ସେହିପରି ପୁରୁଷ କ୍ରିକେଟ ପ୍ରତିଯୋଗିତାର ବୁଧବାର ମ୍ୟାଚ୍‌ରେ ମାଲକାନଗିରି, କଟକ, ନବରଙ୍ଗପୁର, ନୟାଗଡ଼ ଓ ଗଞ୍ଜାମ ବିଜୟୀ ହୋଇଛନ୍ତି ବୋଲି ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ସୂଚନା ଦେଇଛନ୍ତି।

## ଯୁବଶକ୍ତି ସଂଗଠନ ପକ୍ଷରୁ ରକ୍ତଦାନ ଶିବିର

ନିମାପଡ଼ା, ୭।୨(ସମିସ): ସ୍ଥାନୀୟ ଶହୀଦ ସ୍ମୃତି ସଂସଦ ଭବନ ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପୁଣ୍ୟତିଥି ଅବସରରେ ଜାଗ୍ରତ ଯୁବଶକ୍ତି ସଂଗଠନ ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ରାଜ୍ୟ ହୋମିଓ ପାଥିକ ଚିକିତ୍ସକ ସଂଘ ସଭାପତି ଡଃ. ନେତ୍ରାନନ୍ଦ ଭୋଇ ମୁଖ୍ୟଅତିଥିଭାବେ ଯୋଗଦେଇ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମାଜସେବୀ ଦଣ୍ଡପାଣି ସାହୁ, କୃଷ୍ଣ ମୋହନ ବେହେରା, ଶ୍ୱେତପର୍ଣ୍ଣ ରାୟ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ମୋଟ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଜାଗ୍ରତ ଯୁବ ସଂଗଠନର ଆବାହକ ଆଦର୍ଶ ଦାଶ, ସଂଯୋଜକ ସମୀର ରଞ୍ଜନ ରାଉତରାୟ, ତୁଷାର କାନ୍ତ ପରିଡ଼ା, ଦେବାଶିଷ ଦାଶ, ଦେବବ୍ରତ ସ୍ୱାଇଁ, ପ୍ରଦ୍ୟୁମ୍ନ ରଥ ପ୍ରମୁଖ ରକ୍ତଦାନ ଶିବିର ପରିଚାଳନା କରିଥିଲେ।

## ପୁରୀ ପୁଲିସକୁ ବଡ଼ ସଫଳତା
# ୫୨ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ, ୨ ଗିରଫ

ପୁରୀ, ୭।୨(ସମିସ):



ବେଆଇନ ନିଶା କାରବାର କ୍ଷେତ୍ରରେ ପୁରୀ ପୁଲିସକୁ ମିଳିଛି ବଡ଼ ସଫଳତା। ମଙ୍ଗଳବାର ରାତିରେ ସିଟି ଡିଏସ୍‌ପିଙ୍କ ନେତୃତ୍ୱରେ ଗଠିତ ସ୍ପୋଶଲ ସ୍କ୍ୱାଡ୍ ଏବଂ ସମୁଦ୍ରକୂଳ ଥାନା ପୁଲିସ ୫୨୨ ଗ୍ରାମ୍ (ଆନୁମାନିକ ମୂଲ୍ୟ ୫୨ ଲକ୍ଷ ଟଙ୍କା) ଜବତ କରିଛି। ଏହି ଘଟଣାରେ ୨ ଜଣ ଯୁବକଙ୍କୁ ଗିରଫ କରାଯାଇଛି। ଏହି ବେଆଇନ କାରବାରରେ ବ୍ୟବହାର କରାଯାଇଥିବା ଦୁଇଟି ଗାଡ଼ି ଏବଂ ଦୁଇଟି ମୋବାଇଲ ଫୋନ୍ ଜବତ ହୋଇଛି। ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଗୁରୁଜଙ୍ଗର ଦେବାଶିଷ ଦାସ ଓରଫ ବବୁଲ୍ (୨୩) ଏବଂ ଶଗୁନ ବଗିଚା ଗାଁର ଶୁଭମ୍ ପଟ୍ଟନାୟକ (୨୪) ବୋଲି ବୁଧବାର ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ପି ପିନାକ ମିଶ୍ର।

ଏସ୍‌ପି ଶ୍ରୀ ମିଶ୍ର କହିଛନ୍ତି, ପୁରୀ ହେଉଛି ଏକ ପବିତ୍ର ଜାଗା। ଏଠାରେ ବେଆଇନ ନିଶା କାରବାର ଏବଂ ମାଦକଦ୍ରବ୍ୟର କୌଣସି ସ୍ଥାନ ନାହିଁ। ନିଶା କାରବାର ଏବଂ ଅପରାଧିକ କାର୍ଯ୍ୟକଳାପ ଉପରେ ରୋକ୍ ଲଗାଇବା ପାଇଁ ପୁରୀ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ଏହିକ୍ରମରେ ମଙ୍ଗଳବାର ପୁଲିସକୁ ସୂଚନା ମିଳିଥିଲା ଯେ, ଖୋର୍ଦ୍ଧା ଅଞ୍ଚଳରୁ ଦୁଇଜଣ ଯୁବକ ପୁରୀ ବ୍ରାଉନସୁଗର ଆଣି ଆସୁଛନ୍ତି। ସେମାନେ ତାଳବଣିଆ ହେଲିପ୍ୟାଡ୍ ନିକଟରେ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟବସାୟୀଙ୍କୁ ପ୍ରଦାନ କରିବେ। ତେଣୁ ସ୍ୱତନ୍ତ୍ର ସ୍କ୍ୱାଡ୍ ଏବଂ ସମୁଦ୍ରକୂଳ ଥାନା ପୁଲିସ ସଜାଗ ରହିଥିଲା। ମଙ୍ଗଳବାର ରାତିରେ ପୁଲିସ ୫୨୨ ଗ୍ରାମ୍ ବ୍ରାଉନସୁଗର ଜବତ କରିବା ସହ ଏହାକୁ ଆଣି ଆସିଥିବା ଦୁଇ ଯୁବକଙ୍କୁ କାବୁ କରିଥିଲା। ସେମାନଙ୍କଠାରୁ ଦୁଇଟି ବାଇକ୍ (ନଂ.ଓଡି୧୩ଏଲ୍-୯୭୨୧ ଏବଂ ଓଡ଼ି୦୨ଏଜି-୬୩୯୯) ଏବଂ ୨ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ମାତ୍ର ଅନ୍ଧାରର ସୁଯୋଗ ନେଇ ବ୍ରାଉନସୁଗର ନେବାକୁ ଅର୍ଡର ଦେଇଥିବା ବ୍ୟକ୍ତି ଖସିଯିବାକୁ ସକ୍ଷମ ହୋଇଥିଲେ। ଏ ନେଇ ସମୁଦ୍ରକୂଳ

**ଦୁଇ ବାଇକ୍ ଜବତ, ଜଣେ ଫେରାର୍**

**ଅପରାଧ ଓ ନିଶା କାରବାରକୁ ବରଦାସ୍ତ କରାଯିବ ନାହିଁ**

ଥାନାରେ ଏକ ମାମଲା (ନଂ.୨୮/୨୪) ରୁଜୁ କରାଯାଇ ଦୁଇ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି। ଏ ଦିଗରେ ଅଧିକ ତଦନ୍ତ ଚାଲିଛି। ଅଭିଯୁକ୍ତ ଦ୍ୱୟଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ ପାଇଁ ଖୋର୍ଦ୍ଧା ଟାଉନ ଥାନାକୁ ଖବର ଦିଆଯାଇଛି। ସେମାନଙ୍କର ପୁରୁଣା ଅପରାଧ ରେକର୍ଡ କ'ଣ ଅଛି କି ନାହିଁ, କେବେଠାରୁ ଏଭଳି ନିଶା କାରବାର କରୁଛନ୍ତି ଏ ସବୁ ତଥ୍ୟ ହସ୍ତଗତ ହେବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଏସ୍‌ପି ଶ୍ରୀ ମିଶ୍ର କହିଛନ୍ତି।

ପୁରୀ ସହରରେ ବେଆଇନ ନିଶା କାରବାର ଏବଂ ମାଦକଦ୍ରବ୍ୟର କୌଣସି ସ୍ଥାନ ନାହିଁ। ବର୍ତ୍ତମାନ ଯେଉଁ ଅଭିଯାନ ଚାଲିଛି ତାକୁ ଆହୁରି କଡ଼ାକଡ଼ି କରାଯିବ। ସମସ୍ତ ବରିଷ୍ଠ ଅଧିକାରୀଙ୍କୁ ମଧ୍ୟ ଏ ଦିଗରେ ନିର୍ଦ୍ଦେଶ ଦିଆଯାଇଛି। ସେମାନେ ମଧ୍ୟ ଏହାର ଗୁରୁତ୍ୱ ବୁଝିପାରିଛନ୍ତି। ଯଦି ବି କୌଣସି ଜାଗାରେ ନିଶା କାରବାର ହେଉଛି ତାକୁ ବରଦାସ୍ତ କରାଯିବ ନାହିଁ। ଏ କ୍ଷେତ୍ରରେ ଶୂନ୍ୟ ସହନଶୀଳତା ନୀତି ଆପଣାଯିବ ବୋଲି ଏସ୍‌ପି ଶ୍ରୀ ମିଶ୍ର କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସୁଶୀଳ ମିଶ୍ର, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ, ସମୁଦ୍ରକୂଳ ଥାନା ଆଇଆଇସି ମାନସ ରଞ୍ଜନ ଚକ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ତୀର୍ଥଯାତ୍ରାରେ ଗଲେ ୧୫୧ ବରିଷ୍ଠ ନାଗରିକ




ପୁରୀ, ୭।୨ (ସମିସ): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ବୁଧବାର ପୁରୀ ଜିଲ୍ଲାରୁ ୧୫୧ ଜଣ ବରିଷ୍ଠ ନାଗରିକଙ୍କୁ ତୀର୍ଥଯାତ୍ରାରେ ପଠାଯାଇଛି। ଏହି ବରିଷ୍ଠ ନାଗରିକମାନେ ତିରୁପତି ଭେଲୋର ପରିଭ୍ରମଣ କରିବା ସହ ଚଳିତ ମାସ ୧୩ ତାରିଖରେ ଫେରିଆସିବାର କାର୍ଯ୍ୟକ୍ରମ ରହିଛି। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଡ. ଶରତ ଚନ୍ଦ୍ର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଆରଟିଓ ରବିନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ତୀର୍ଥଯାତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ଯାତ୍ରାର ଶୁଭ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଡ୍‌କ୍ରସ ସଦସ୍ୟ ଜୟନ୍ତୀ ମହାପାତ୍ର, ମଧୁମିତା ମହାପାତ୍ର ପ୍ରମୁଖ ଯୋଗଦେଇ ତୀର୍ଥଯାତ୍ରୀଙ୍କୁ ସହାୟତା କରିଥିଲେ।

## ଅଲ୍ ଇଣ୍ଡିଆ ଅଡିଟ୍ ଏବଂ ଆକାଉଣ୍ଟ ଆସୋସିଏସନ୍‌ର ବୈଠକ

ପୁରୀ, ୭।୨ (ସମିସ): ଅଲ୍‌ଇଣ୍ଡିଆଅଡିଟ୍ ଏବଂ ଆକାଉଣ୍ଟ ଆସୋସିଏଶନର କେନ୍ଦ୍ରୀୟ କାର୍ଯ୍ୟକାରିଣୀ ବୈଠକ ବୁଧବାର ସ୍ଥାନୀୟ ୟୁଥ୍ ହଷ୍ଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାର ଅଧୀନରେ ଥିବା କର୍ମଚାରୀଙ୍କର ବିଭିନ୍ନ ସମସ୍ୟା ତଥା କରୋନା ସମୟରେ ୧୮ ମାସର ମହଙ୍ଗା ଭତ୍ତା ମିଳିପାରି ନ ଥିଲା। ସେହି ମହଙ୍ଗା ଭତ୍ତା କିଭଳି କର୍ମଚାରୀ ପାଇବେ ତା' ଉପରେ ଆଲୋଚନା ହୋଇଥିଲା। ଏଥିସହ ଦିନକୁ ଦିନ କର୍ମଚାରୀ ଅଭାବ ଦେଖିବାକୁ ମିଳୁଛି। ଯେଉଁଭଳି ଭାବେ ସରକାରଙ୍କର କାମ ବଢ଼ିଚାଲିଛି ସେହିଭଳି କର୍ମଚାରୀଙ୍କର ନିଯୁକ୍ତି ବଢ଼ିବାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଥିଲା। ଅଲ୍ ଇଣ୍ଡିଆ ଅଡିଟ ଏବଂ ଆକାଉଣ୍ଟ ଆସୋସିଏଶନ ସଭାପତି କେ. ରମେଶଙ୍କ ସଭାପତିତ୍ୱରେ ମହାସଚିବ ତାପସ ବୋଷଙ୍କ ଉପସ୍ଥିତରେ ଏହି କାର୍ଯ୍ୟକ୍ରମ ଦୁଇଦିନ ଧରି ଚାଲିବ। ଏଜି ଓଡ଼ିଶା ଆକାଉଣ୍ଟ ଆସୋସିଏସନ ଭୁବନେଶ୍ୱର ଓ ପୁରୀର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଦୀର୍ଘ ୧୮ ବର୍ଷ ପରେ ଓଡ଼ିଶାରେ ଏହି କାର୍ଯ୍ୟକ୍ରମ କରାଯାଉଥିବାରୁ ସମସ୍ତେ ଖୁସିବ୍ୟକ୍ତ କରିଛନ୍ତି। ଆୟୋଜକ କମିଟି ଅଧକ୍ଷ ପ୍ରଦୀପ୍ତ କୁମାର ପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ମୁଖ୍ୟଅତିଥି ଡେପୁଟି ଆକାଉଣ୍ଟାଣ୍ଟ ଜେନେରାଲ ଏସ୍. ମନନ୍ ମାନିନୀ କାର୍ଯ୍ୟକର୍ତ୍ତାମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ବୈଠକର ସଫଳତା କାମନା କରିଥିଲେ। କମିଟି ମୁଖ୍ୟ ଆବାହକ ଅଶୋକ କୁମାର ପଟ୍ଟନାୟକ, ତାରାକାନ୍ତ ମହାପାତ୍ର, ଚିନ୍ମୟୀ ସାହୁ, ଅର୍ଜୁନ ଚରଣ ମାଝୀ, ରଞ୍ଜିତ କୁମାର, କାହ୍ନୁ ପାତ୍ର ପ୍ରମୁଖ ସଭା ପରିଚାଳନା କରିଥିଲେ। ପ୍ରଥମ ଦିନ ସଭା ଶେଷରେ କମିଟି ସଂଯୋଜକ ଅଭିରାମ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ରାସ୍ତାରେ ଯୁବକଙ୍କୁ ପୁଲିସର ନିସ୍ତୁକ ମାଡ଼
# ଏସ୍‌ଡିପିଓଙ୍କୁ ରିପୋର୍ଟ ମାଗିଲେ ଏସ୍‌ପି

ପୁରୀ, ୭।୨ (ସମିସ): ବିଚ୍ ରାସ୍ତାରେ ପୁଲିସର ଥାର୍ଡ ଡିଗ୍ରୀ। ସର୍ବସମ୍ମୁଖରେ ଜଣେ ଯୁବକଙ୍କୁ ରାସ୍ତାରେ ନିସ୍ତୁକ ମାଡ ମାରୁଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି। ତେବେ ଏହି ଘଟଣା ପୁରୀ ଜିଲ୍ଲା ପିପିଲି ଅଞ୍ଚଳର ବୋଲି ଜଣାପଡ଼ିବା ପଡ଼ିଛି। ମାଡ଼ ଖାଇଥିବା ଯୁବକ ହେଉଛନ୍ତି ହସନପୁର ଗାଁର ନୃସିଂହ ପ୍ରଧାନ। କୌଣସି କାରଣରୁ ଜଣେ ପୁଲିସ ଅଧିକାରୀ ସାମବାର ରାତିରେ ନୃସିଂହଙ୍କୁ ଲାଠିରେ ନିସ୍ତୁକ ମାଡ ମାରୁଥିବାର ଭିଡିଓ ଭାଇରାଲ୍ ହୋଇଛି। ଏହି ଭିଡ଼ିଓରେ ଯାହା ଦେଖାଯାଉଛି ୨ ଜଣ ବ୍ୟକ୍ତି ନୃସିଂହଙ୍କୁ ଧରିକି ନେଉଛନ୍ତି। ତାଙ୍କର ବାମ ହାତକୁ ଗାମୁଛାରେ ବନ୍ଧା ଯାଇଛି। ଜଣେ ବ୍ୟକ୍ତି ଗାମୁଛାକୁ ଧରିଥିବା ବେଳେ ଆଉ ଜଣେ ତାଙ୍କ ଡାହଣ ହାତକୁ ଧରିଛନ୍ତି। ରାସ୍ତା ପାର୍ ହୋଇ ଆସୁଥିବା ସମ୍ପୃକ୍ତ ପୁଲିସ ଅଧିକାରୀ ହଠାତ୍ ଲାଠିରେ ପ୍ରହାର କରୁଛନ୍ତି। ସର୍ବସମ୍ମୁଖରେ ଜଣେ ପୁଲିସ ଅଧିକାରୀଙ୍କ ଏଭଳି ନୃଶଂସ ବ୍ୟବହାରକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ଏହା ପଛର ପ୍ରକୃତ କାରଣ ଜଣାପଡ଼ିନାହିଁ। ତେବେ ଏ ସମ୍ପର୍କରେ ଏସ୍‌ପି ପିନାକ ମିଶ୍ର କହିଛନ୍ତି, ପିପିଲି ଘଟଣାକୁ ନେଇ ସାମାଜିକ ଗଣମାଧ୍ୟମରେ ଭିଡ଼ିଓ କ୍ଲିପ ନଜରକୁ ଆସିଛି। କେଉଁ ପରିସ୍ଥିତିରେ ଏହି ଘଟଣା ଘଟିଛି ଏବଂ କେବେ ଘଟିଥିଲା ତା'ର ସତ୍ୟାସତ୍ୟ ଅନୁସନ୍ଧାନ କରି ତଦନ୍ତ ରିପୋର୍ଟ ଦେବା ଲାଗି ଏସ୍‌ଡିପିଓଙ୍କୁ ରିପୋର୍ଟ ମଗାଯାଇଛି। ରିପୋର୍ଟ ମିଳିବା ପରେ ଏହା ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ପୁଣି ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ୍

ପୁରୀ, ୭।୨ (ସମିସ): ସୁରକ୍ଷା ଦୃଷ୍ଟିରୁ ଶ୍ରୀମନ୍ଦିରକୁ ମୋବାଇଲ୍ ମନା। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ କଡ଼ା ନିର୍ଦ୍ଦେଶ ବି ଜାରି କରିଛି। ଶ୍ରୀମନ୍ଦିର ଭିତର ଫଟୋ ପୁଣି ଥରେ ଭାଇରାଲ ହୋଇଛି। ଜଣେ ଯୁବକ ସାମାଜିକ ଗଣମାଧ୍ୟମରେ ମନ୍ଦିର ବେଢ଼ାର ଫଟୋ ପୋଷ୍ଟ କରିଛନ୍ତି। ଫଟୋଟି ଏକ ପ୍ରଫେସନାଲ କ୍ୟାମେରାରେ ସୁଟ୍ କରାଯାଇଥିବା ଅନୁମାନ କରାଯାଉଛି। ତେବେ ସମ୍ପୃକ୍ତ ଯୁବକ କେମିତି ଓ କିପରି ମୋବାଇଲ କିମ୍ବା କ୍ୟାମେରା ନେଇ ଶ୍ରୀମନ୍ଦିରରେ ପ୍ରବେଶ କଲେ, ତାକୁ ନେଇ ପ୍ରଶ୍ନ ଉଠିଛି। ଏହି ଖବର ଗଣମାଧ୍ୟମରେ ପ୍ରଚାର ହେବା ପରେ ଭକ୍ତମାନଙ୍କୁ ଗଭୀର ଆଘାତ ଲାଗିଛି।

## 'ନୂଆ-ଓ' ରାଜ୍ୟସ୍ତରୀୟ ଖୋଖୋ ପ୍ରତିଯୋଗିତା ଆରମ୍ଭ
# ଭାଗ ନେଇଛନ୍ତି ୩୦ ଜିଲ୍ଲାର ପୁରୁଷ ଓ ମହିଳା ଦଳ

ପୁରୀ, ୭।୨(ସମିସ):




ପିଲାମାନଙ୍କ କ୍ରୀଡା ପ୍ରତିଭାର ବିକାଶ ପାଇଁ ରାଜ୍ୟ ସରକାର ନୂଆ ଓ କାର୍ଯ୍ୟକ୍ରମର ବ୍ୟବସ୍ଥା କରିଛନ୍ତି। ଏହାଦ୍ୱାରା ପିଲାମାନଙ୍କ ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ ହୋଇପାରୁଛି ବୋଲି କହିଛନ୍ତି କ୍ରୀଡା ଓ ଯୁବ ବ୍ୟାପାର ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ। ପୁରୀ ଜିଲ୍ଲା ସ୍କୁଲ ପରିସରରେ ବୁଧବାରଠାରୁ ଆରମ୍ଭ ହୋଇଛି ରାଜ୍ୟସ୍ତରୀୟ ନୂଆ ଓ ଖୋଖୋ ପ୍ରତିଯୋଗିତା। ଏହାକୁ ଉଦ୍‌ଘାଟନ କରି କ୍ରୀଡା ନିର୍ଦ୍ଦେଶକ ଶ୍ରୀ ଦାସ ନୂଆ ଓ ଏକ ଅଭିନବ ଓ ସୁନ୍ଦର ପଦକ୍ଷେପ। ଏହାଦ୍ୱାରା ଆମ ରାଜ୍ୟର ବିଭିନ୍ନ କ୍ରୀଡାବିତ ଉପକୃତ ହୋଇପାରୁଛନ୍ତି ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ପୁରୀ ମାଟିରେ ନୂଆ ଓ କାର୍ଯ୍ୟକ୍ରମର ଅଂଶବିଶେଷ ରାଜ୍ୟସ୍ତରୀୟ ଖୋଖୋ ପ୍ରତିଯୋଗିତାର ଆୟୋଜନ ପାଇଁ ସରକାରଙ୍କୁ ଧନ୍ୟବାଦ ଦେବା ସହ ଏହାଦ୍ୱାରା କ୍ରୀଡାରେ ରୁଚି ରଖୁଥିବା ପିଲାମାନେ ଉତ୍ସାହିତ ହେବେ ବୋଲି କହିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟ ଖୋଖୋ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଖୋଖୋ କ୍ରୀଡ଼ାରେ ଓଡ଼ିଶାର ଅବଦାନ ବେଶ୍ ପ୍ରଶଂସନୀୟ। ବର୍ତ୍ତମାନ ନୂଆ ଓ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ କ୍ରୀଡ଼ାର ବିକାଶ ସହ କ୍ରୀଡାବିତମାନଙ୍କୁ ପ୍ରୋତ୍ସାହିତ କରାଯାଉଛି ବୋଲି ସେ କହିଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ କରିବା ସହ ପ୍ରତିଯୋଗିତାର ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ। କ୍ରୀଡା ବିଭାଗର ବରିଷ୍ଠ ପରାମର୍ଶଦାତା ପ୍ରବୀର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ନୂଆ ଓ କାର୍ଯ୍ୟକ୍ରମ ମାଧ୍ୟମରେ ସମଗ୍ର ରାଜ୍ୟର ୩୧୪ ବ୍ଲକରେ ଅନୁଷ୍ଠିତ ଖୋଖୋ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା। ଜିଲ୍ଲାସ୍ତରର ଶ୍ରେଷ୍ଠ ଦଳମାନଙ୍କୁ ନେଇ ଆରମ୍ଭ ହୋଇଛି ରାଜ୍ୟସ୍ତରୀୟ ପ୍ରତିଯୋଗିତା। ୩୦ଟି ପୁରୁଷ ଓ ୩୦ଟି ମହିଳା ଦଳ ଏଥିରେ ଯୋଗ ଦେଇଛନ୍ତି। ଏହି ପ୍ରତିଯୋଗିତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ସମସ୍ତ ପ୍ରତିଯୋଗୀଙ୍କୁ ବୃନ୍ଦାବତୀ ନିବାସରେ ରଖାଯିବା ସହ ସ୍ୱତନ୍ତ୍ର ଗାଡି ମାଧ୍ୟମରେ ଖେଳ ପଡ଼ିଆକୁ ନେବା ଆଣିବା କରାଯାଇଛି। ଏହି ପ୍ରତିଯୋଗିତାର ଉଭୟ ପୁରୁଷ ଓ ମହିଳା ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିବାକୁ ଥିବା ଦଳକୁ ୨ଲକ୍ଷ ଟଙ୍କା, ଦ୍ୱିତୀୟ ଦଳକୁ ୧ ଲକ୍ଷ ଟଙ୍କା, ତୃତୀୟ ଏବଂ ଚତୁର୍ଥ ଦଳକୁ ୫୦ ହଜାର ଟଙ୍କା ଓ ଶ୍ରେଷ୍ଠ ଖେଳାଳୀଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ ବୋଲି ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ସାହୁ ସୂଚନା ଦେଇଥିଲେ।

ଉଦ୍‌ଘାଟନୀ ମ୍ୟାଚ୍‌ର ପୁରୁଷ ବର୍ଗରେ କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, ଗଞ୍ଜାମ, ଅନୁଗୁଳ, ଯାଜପୁର, ଗଜପତି, ଝାରସୁଗୁଡା, ବଲାଙ୍ଗୀର ଓ ଢେଙ୍କାନାଳ ଜିଲ୍ଲା ବିଜୟୀ ହୋଇଛନ୍ତି। ସେହିପରି ମହିଳା ବର୍ଗରେ ଅନୁଗୁଳ, ରାୟଗଡ଼, ଢେଙ୍କାନାଳ, ମାଲକାନଗିରି, ନୟାଗଡ଼, କନ୍ଧମାଳ, ସମ୍ବଲପୁର, ବରଗଡ଼, ବାଲେଶ୍ୱର ଓ ଗଞ୍ଜାମ ଜିଲ୍ଲାର ପ୍ରତିଯୋଗୀ ବିଜୟୀ ହୋଇଛନ୍ତି ବୋଲି ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ସାହୁ ସୂଚନା ଦେଇଛନ୍ତି।

DADLS-95



ଓଡ଼ିଶା ସରକାର

**ବିଶିଷ୍ଟ ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**

୮ ଫେବୃଆରୀ, ୨୦୨୪

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ

ମୁଖ୍ୟ ଅତିଥି : – ଶ୍ରୀଯୁକ୍ତ ବ୍ରଜ କିଶୋର ପ୍ରଧାନ, ମାନ୍ୟବର ବିଧାୟକ, ତାଳଚେର

ବିଶିଷ୍ଟ ଅତିଥି : – ଶ୍ରୀଯୁକ୍ତ ମୁକେଶ ପାଲ, ମାନ୍ୟବର ବିଧାୟକ, ପାଲଲହଡ଼ା

ସମ୍ମାନନୀୟା ଅତିଥି – କସ୍ତୁରୀ ମହାପାତ୍ର, ସଂପାଦକ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ

ମୁଖ୍ୟବକ୍ତା : – ଶ୍ରୀଯୁକ୍ତ ଦାଶ ବେନହୁର, ବିଶିଷ୍ଟ ସାହିତ୍ୟିକ ତଥା ସ୍ତମ୍ଭକାର

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0344/2324

ନୟାଗଡ଼ ଗସ୍ତରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ

# ବିଭିନ୍ନ ସ୍ଥାନ ପରିଦର୍ଶନ ଓ କାର୍ଯ୍ୟ ସମୀକ୍ଷା

ନୟାଗଡ଼, ୭।୨(ସମିସ): କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ରଞ୍ଜନ କୁମାର ଦାସ ନୟାଗଡ଼ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ମଧ୍ୟାହ୍ନରେ ନୟାଗଡ଼ରେ ପହଞ୍ଚି ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନେଇ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ କରିଥିଲେ। ୫-ଟି ଅଧିନରେ ଆସୁଥିବା ସମସ୍ତ କାର୍ଯ୍ୟକୁ ସଠିକ ସମୟରେ ତଦାରଖ ସହ ସମାପ୍ତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିସହିତ ବିଭିନ୍ନ ବ୍ଲକରେ '୫-ଟି' ଅଧିନରେ କାର୍ଯ୍ୟଚାଲୁଥିବା ସମସ୍ତ ବିକାଶମୂଳକ କାର୍ଯ୍ୟକୁ ଖୁବ୍ ଶୀଘ୍ର ସମାପ୍ତ କରିବା ପାଇଁ ପରାମର୍ଶ ଦେବା ସହ ସମସ୍ତ କାର୍ଯ୍ୟ କିପରି ସ୍ୱଚ୍ଛତାର ସହ ହେବ ସେଥି ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ରାଜସ୍ୱ ବିଭାଗ କିପରି ଲୋକଙ୍କ ଅତି ନିକଟତର ହୋଇପାରିବ ସେଥି ନିମନ୍ତେ ଧ୍ୟାନ ଆକର୍ଷଣ କରିଥିଲେ। ରାଜସ୍ୱ ବିଭାଗକୁ ସ୍ୱତନ୍ତ୍ର ଭାବେ ପରିଚାଳିତ କରିବା ପାଇଁ ପରାମର୍ଶ ଦେଇଥିଲେ।



ଏଥି ସହିତ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର କାର୍ଯ୍ୟର ସମୀକ୍ଷା କରିଥିଲେ। ଲାଇନ ଡିପାର୍ଟମେଣ୍ଟ ଗୁଡିକ ଅଧିକ



କ୍ରିୟାଶୀଳ ହେବା ପାଇଁ ଗୁରୁତ୍ୱ ଦେଇଥିଲେ। ଏହା ପରେ ନୟାଗଡ଼ ବଲାଙ୍ଗି ପାର୍କ ପରିଦର୍ଶନ କରିଥିଲେ। ବଲାଙ୍ଗି ପାର୍କର କାର୍ଯ୍ୟ ଦେଖି ଆରଡିସି ବିମୋହିତ ହୋଇଥିଲେ। ସିଜିନାଲ ଗାର୍ଡେନକୁ ଦେଖି ଅତ୍ୟନ୍ତ ଖୁସି ପ୍ରକାଶ କରିଥିଲେ। ଏଥି ସହିତ ବିଭିନ୍ନ ପଥର ମୂର୍ତ୍ତିର କାରୁକାର୍ଯ୍ୟ ଦେଖିଥିଲେ। କିଛି ନଥିବା ସ୍ଥାନରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିବାରୁ ଶ୍ରୀ ଦାସ ଖୁସି ବ୍ୟକ୍ତ କରିଥିଲେ। ଏହାପରେ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ଏହାର ସମୀକ୍ଷା କରିଥିଲେ। ୧୦୦ ଶଯ୍ୟା ବିଶିଷ୍ଟ ନୂତନ ଡାକ୍ତରଖାନାକୁ ଦେଖିବା ସହ ରୋଗୀମାନେ କିପରି ସଠିକ ଭାବରେ ସେବା ପାଇବେ ସେଥିନିମନ୍ତେ ବରିଷ୍ଠ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଅପରାହ୍ନରେ ରାଜସ୍ୱ ଆୟୁକ୍ତ ଶ୍ରୀ ଦାସ ସମର୍ପଣ ବୃଦ୍ଧାଶ୍ରମ, ଭିନ୍ନକ୍ଷମ ସେବାଶ୍ରମ ସେବା, ପଠାଣି ସାମନ୍ତ ସଂସ୍କୃତି ଭବନ, ଜିଲ୍ଲା ପାଠାଗାର, ଏବଂ ବିରୁଡା ପଞ୍ଚାୟତର ଅତ୍ୟାଧୁନିକ ଶ୍ମଶାନ ପରିଦର୍ଶନ କରିଥିଲେ। ସେହିପରି ବିରୁଡା ପଞ୍ଚାୟତରେ ପହଞ୍ଚି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବା ସହ ପଞ୍ଚାୟତରେ ଥିବା ମାର୍କେଟ ବିଲ୍ଡିଂ, ଗୋଦାମ ଗୃହ, କଲ୍ୟାଣ ମଣ୍ଡପ, ନୂତନ ଆରଆଇ କାର୍ଯ୍ୟାଳୟ, ଆମ ବ୍ୟାଙ୍କ ଇତ୍ୟାଦି ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ନୟାଗଡ଼ ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ତହସିଲଦାର ରାଜେଶ କେଶରୀ ସ୍ୱାଇଁ, ନୟାଗଡ଼ ବିଡିଓ ପଦ୍ମ ଚରଣ ସାହୁ ଓ ଜିଲ୍ଲାର ସମସ୍ତ ବିଭାଗର ବରିଷ୍ଠ ଅଧିକାରୀ ମାନେ ଯୋଗ ଦେଇଥିଲେ।

ଲେଭେଲକ୍ରସିଂ ପାଖରେ ଟ୍ରାଫିକ ଜାମ୍

## ଘଣ୍ଟାଏ ଅଟକିଲା ଆମ୍ବୁଲାନ୍ସ

ନୟାଗଡ଼, ୭।୨(ସମିସ): ଦୀର୍ଘବର୍ଷ ଧରି ରେଳ ବିଭାଗ ପକ୍ଷରୁ ନୟାଗଡ଼-ଖଣ୍ଡପଡ଼ା ରୋଡରେ ଓଭରବ୍ରିଜ୍ କାମ ଚାଲିଥିଲେ ମଧ୍ୟ ସରିବାର ନାଁ ଧରୁନି। ସେହି ରାସ୍ତା ଜନଗହଳିପୂର୍ଣ୍ଣ ରାସ୍ତା ହୋଇଥିବା ଯୋଗୁଁ ପ୍ରତିଦିନ ଲେବଲ କ୍ରସିଂ ପାଖରେ ଦୀର୍ଘ ସମୟ ଧରି ଭିଡ଼ ହେଉଛି। ରେଳ ବିଭାଗ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରୁନଥିବା ବେଳେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଉକ୍ତ ରାସ୍ତା ଦେଇ ଦୈନିକ ହଜାର ହଜାର ସଂଖ୍ୟାରେ ଯାନବାହନ ଯିବା ଆସିବା କରୁଛି। କେବଳ ଖଣ୍ଡପଡ଼ା ନୁହେଁ ଗଣିଆ, କଣ୍ଟିଲୋ ଭଳି ପ୍ରମୁଖ ସ୍ଥାନ ସମେତ ବହୁ ପଞ୍ଚାୟତକୁ ସଂଯୋଗ କରୁଛି ଏହି ରାସ୍ତା। ଉକ୍ତ ଅଞ୍ଚଳମାନଙ୍କୁ ଯିବାକୁ ହେଲେ ଏହି ରାସ୍ତା ଏକମାତ୍ର ମାଧ୍ୟମ ପାଲଟିଛି। ଫଳରେ ଲୋକେ ଲେବଲକ୍ରସିଂ ପାଖରେ ଦୀର୍ଘ ସମୟ ଧରି ଛିଡ଼ା ହେଉଥିବା ଦେଖିବାକୁ ମିଳିଛି। ବୁଧବାର ସନ୍ଧ୍ୟାରେ ଏକ ଆମ୍ବୁଲାନ୍ସ ଭିଡ଼ରେ ଫସି ଯାଇଥିବା ଦେଖିବାକୁ ମିଳିଥିଲା। ଘଣ୍ଟାଏ ଧରି ଆମ୍ବୁଲାନ୍ସ ପାଦେ ଘୁଞ୍ଚିବାର ମଧ୍ୟ ସୁଯୋଗ ପାଇପାରିନଥିଲା। ସଙ୍କିର୍ଣ୍ଣ ରାସ୍ତାରେ ଏକ ପାଖିଆ ରାସ୍ତା ଯୋଗୁଁ ଗାଡ଼ି ଗୁଡ଼ିକ ମୁହାଁମୁହିଁ ହୋଇ ଜାମ୍ ହୋଇଥିବା ଦେଖିବାକୁ ମିଳିଥିଲା। ଲୋକମାନେ ଅଣଓସାରିଆ ରାସ୍ତାରେ ସମସ୍ୟା ଭୋଗୁଥିଲେ ମଧ୍ୟ ରେଳ ବିଭାଗ ଆଦୌ ଧ୍ୟାନ ଦେଉନାହିଁ।

## ଯୋଗଦେଲେ ଉପଜିଲ୍ଲାପାଳ କର୍ଣ୍ଣଦେବ

ନୟାଗଡ଼, ୭।୨(ସମିସ): ନୟାଗଡ଼ ନୂତନ ଉପଜିଲ୍ଲାପାଳ ଭାବେ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି କର୍ଣ୍ଣଦେବ ସମାଦାର। ପୂର୍ବରୁ ସେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଡିଓ ଭାବେ କାର୍ଯ୍ୟ କରୁଥିଲେ। ନୟାଗଡ଼ରେ କାର୍ଯ୍ୟ କରୁଥିବା ଉପ ଜିଲ୍ଲାପାଳ ଶକ୍ତିକାନ୍ତ ରାୟଙ୍କର ଖଣି ବିଭାଗର ପ୍ରଶାସନିକ ଅଧିକାରୀ ଭାବେ ବଦଳି ହୋଇଥିଲା। ତାଙ୍କ ସ୍ଥାନରେ କର୍ଣ୍ଣଦେବ ସମାଦାରଙ୍କର ନୟାଗଡ଼ ଉପଜିଲ୍ଲାପାଳ ଭାବେ ବଦଳି ହୋଇଥିଲା। ବୁଧବାର ସେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ତାଙ୍କୁ କାର୍ଯ୍ୟାଳୟ ପକ୍ଷରୁ ଶୁଭେଚ୍ଛା ଦିଆଯାଇଛି।

'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା

## ବିକାଶକୁ ତ୍ୱରାନ୍ୱିତ କରିଛି ସମୟୋପଯୋଗୀ ଯୋଜନା'



ଭାପୁର, ୭।୨(ସମିସ): ରାଜ୍ୟରେ ବିକାଶକୁ ତ୍ୱରାନ୍ୱିତ କରିଛି 'ଆମ ଓଡ଼ିଶା ନବୀନ ଓଡ଼ିଶା' ମାଧ୍ୟମରେ କାର୍ଯ୍ୟକାରୀ ହୋଇଥିବା ସମୟୋପଯୋଗୀ ବିଭିନ୍ନ ଯୋଜନା। ଏହି ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳର ବିକାଶ କ୍ଷୀପ୍ର ହେବା ସହ ଜନସାଧାରଣଙ୍କ ବହୁଦିନର ସ୍ୱପ୍ନ ପୂରଣ ହୋଇପାରିଛି। ଏହି ଯୋଜନାରେ ଅଞ୍ଚଳର କଣ କଣ ବିକାଶ ହୋଇଛି, ଏ ନେଇ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଭଗବାନପୁର ଓ ପଥରଚକଡା ପଞ୍ଚାୟତରେ ବୁଧବାର ଦିନ ଦୁଇଟି ସଚେତନତା ସଭାର ଆୟୋଜନ କରାଯାଇଛି। ପ୍ରଥମେ ପଥରଚକଡା ପଞ୍ଚାୟତରେ ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଏହାକୁ ଉଦଘାଟନ କରିଥିଲେ। ତାଙ୍କ ସହ ପଞ୍ଚାୟତ ସରପଞ୍ଚ ଶିବାନୀ ଦାଶ, ସମିତି ସଭ୍ୟ ଦେବାର୍ଚ୍ଚନ ଡାଲୁଆ, ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ବିଜୁ ଜନତା ଦଳର ବ୍ଲକ ସଭାପତି ଶିବପ୍ରସାଦ ଷଡଙ୍ଗୀ, ରାକମା ପଞ୍ଚାୟତ ସମିତି ସଭ୍ୟ ବାଳଗୋପାଳ ଷଡଙ୍ଗୀ, ସମାଜସେବୀ ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏହାପରେ ଭଗବାନପୁର ପଞ୍ଚାୟତ ଗତିଶ୍ୱରଦେବ ହାଇସ୍କୁଲ ପଡ଼ିଆରେ ଭଗବାନପୁର ପଞ୍ଚାୟତ ଦେଢ ହଜାର ଲୋକଙ୍କୁ ନେଇ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହାକୁ ବେଣୁଧର ପ୍ରଧାନ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ସୋନାଲିକା ଦାଶ ଓ ସମିତିସଭ୍ୟାଙ୍କ ପ୍ରତିନିଧି ବସନ୍ତ କୁମାର ନାୟକ, ବିଜେଡି ବ୍ଲକ ସଭାପତି ଶିବପ୍ରସାଦ ଷଡଙ୍ଗୀ, ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ସମିତି ସଭ୍ୟ ବାଳଗୋପାଳ ଷଡଙ୍ଗୀ, ସମାଜସେବୀ ସନ୍ତୋଷ କୁମାର ତ୍ରିପାଠୀ ଓ ବାଘୁଆପଲ୍ଲୀ ପଞ୍ଚାୟତ ବିଜେଡି ସଭାପତି ଗୋବର୍ଦ୍ଧନ ପ୍ରଧାନ ଯୋଗ ଦେଇଥିଲେ। ଭଗବାନ ପଞ୍ଚାୟତରେ ପଞ୍ଚାୟତ ପାଇଁ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଆସିଥିବା ୫୦ ଲକ୍ଷ ଟଙ୍କାରେ ୧୮ ଟି ପ୍ରକଳ୍ପ ସହ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାରେ ତିନୋଟି ମନ୍ଦିର ପାଇଁ ୧୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ମନ୍ଦିରର ଉନ୍ନତି ସାଧନ କାର୍ଯ୍ୟ ଆଗେଇ ଚାଲିଛି।

## ଜଗନ୍ନାଥପ୍ରସାଦରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା

ଖଣ୍ଡପଡ଼ା, ୭।୨(ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ପଞ୍ଚାୟତରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ପକ୍ଷରୁ ଜନସଚେତନତା ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ପ୍ରସାଦ ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନଙ୍କ ପୌରାହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ନିରଞ୍ଜନ ବେହେରା, ଯୁବ ସମାଜସେବୀ ମାନସ ରଞ୍ଜନ ବେହେରା, ଯୁବନେତା କପିଳେନ୍ଦ୍ର ବିଶ୍ୱାଳ, ପିଇଓ କିଶୋର କୁମାର ବିଶ୍ୱାଳ, ଜିଆରଏସ ପ୍ରଦୀପ୍ତ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ରହିବା ସହିତ ସରକାରଙ୍କ ପକ୍ଷରୁ ପଞ୍ଚାୟତକୁ ମଞ୍ଜୁର ଅର୍ଥ ବାବଦରେ ସୂଚନା ଦେଇଥିଲେ। ବିଶେଷ ଭାବରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ମାଧ୍ୟମରେ ଜଗନ୍ନାଥ ପ୍ରସାଦ ପଞ୍ଚାୟତକୁ ବିଭିନ୍ନ ପ୍ରକଳ୍ପ ପାଇଁ ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ଜଣାପଡ଼ିଛି। ତେବେ ସ୍ୱାସ୍ଥ୍ୟ, ମିଶନଶକ୍ତି, କୃଷି ଓ କ୍ରୀଡାର ବିକାଶ ନିମନ୍ତେ ପାଇଥିବା ଆର୍ଥିକ ସହାୟତା ପାଇଁ ପଞ୍ଚାୟତବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଥିଲେ। ଏ ପ୍ରରିପେକ୍ଷିରେ ଆଗାମୀ ସାଧାରଣ



ନିର୍ବାଚନରେ ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ପୁନର୍ବାର ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ କରିବା ପାଇଁ ଉପସ୍ଥିତ ଜନସାଧାରଣ ଓ ଛାମୁଆ କର୍ମୀ ସଂକଳ୍ପ ନେଇଥିଲେ। ଏହି ସଚେତନତା ଶିବିରରେ ଗାଁ ଗାଁରେ ଜଗନ୍ନାଥ ସଂସ୍କୃତି ସଂରକ୍ଷଣ, ଧାର୍ମିକ ସ୍ଥଳୀ ଗୁଡ଼ିକର ରୂପାନ୍ତରଣ, ମହିଳା ସଶକ୍ତିକରଣ ଓ ଭିତ୍ତିଭୂମିର ବିକାଶ, ନିର୍ମାଣ ଶ୍ରମିକ ଉନ୍ନତି, ବ୍ୟାଙ୍କିଙ୍ଗ ଭିତ୍ତିଭୂମିର ବିକାଶ ଉପରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶାନ୍ତନୁ ନାୟକ, ଅଖିଳ ଖଟେଇ, ପ୍ରଶାନ୍ତ ପ୍ରଧାନ, ଅଖିଳ ପ୍ରଧାନ, ନୀଳକଣ୍ଠ ପ୍ରଧାନ, ପ୍ରଶାନ୍ତ ଖଟେଇ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ସେହିପରି ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀ, ଏମବିକେ, ସିଆରପି, ଅଙ୍ଗନବାଡ଼ି କର୍ମୀ ଆଦି ଯୋଗଦେଇଥିଲେ।

'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ

## 'ଓଡ଼ଗାଁ ବିକାଶରେ ମୁଖ୍ୟମନ୍ତ୍ରୀଙ୍କ ଅବଦାନ ଅତୁଳନୀୟ'

ଓଡ଼ଗାଁ, ୭।୨ (ସମିସ): ଓଡ଼ଗାଁ ବ୍ଲକ ଅନ୍ତର୍ଗତ ବାଣ୍ଡପୁର, ଗୌଡପୁଟ, ନନ୍ଦିଘୋର, ଆରଡ଼ା ଠାରେ ବୁଧବାର 'ଆମ ଓଡ଼ିଶା ନବୀନ ଓଡ଼ିଶା'ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ବିଧାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରତ୍ୟେକ ପଞ୍ଚାୟତରେ ହୋଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ଗାଁର ପ୍ରତ୍ୟେକ ପଞ୍ଚାୟତକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଯୋଗାଯୋଗ ଓ ଗମନାଗମନ କ୍ଷେତ୍ରରେ ଭିତ୍ତିଭୂମି ସୁଦୃଢ଼ୀକରଣ ହେବା ଯୋଗୁଁ ଲୋକେ କମ ସମୟ ମଧ୍ୟରେ ଅଧିକ ଦୂରତ୍ୱ ଅତିକ୍ରମ କରିପାରୁଛନ୍ତି। ସେହିପରି ରଘୁନାଥ ଓ ଦ୍ୟୁତିକେଶ୍ୱର ମନ୍ଦିର ରୂପାନ୍ତରଣ ପାଇଁ ୭ କୋଟିରୁ ଉର୍ଦ୍ଧ୍ୱ ଅର୍ଥରାଶି ଓ ବରକନ୍ୟା ଝରଣାକୁ ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀରୂପେ ପରିଣତ କରିବା ପାଇଁ ୪ କୋଟି ୪୨ ଲକ୍ଷ ଅର୍ଥରାଶି ମଞ୍ଜୁର ହୋଇଛି। ଯାହା ଫଳରେ ଶ୍ରୀରଘୁନାଥଙ୍କ ଅପାରକରୁଣା ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଗୁଁ ଓଡ଼ଗାଁରେ ବିକାଶ ସମ୍ଭବ ହୋଇଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ବିଡ଼ିଓ ଜିତେନ୍ଦ୍ର କୁମାର ନାୟକ, ଉପାଧ୍ୟକ୍ଷା ମୀରା ନାୟକ, ଜିଲ୍ଲା ପରିଷଦ ସଭ୍ୟା ବିରଜା ଲକ୍ଷ୍ମୀ ସାହୁ, ଝିଲି ପ୍ରଧାନ, ସରପଞ୍ଚ ସୁନିତା ବାରିକ, ଶାରଦା ଦୋରା, ଶ୍ୱେତାଲିନା ମିଶ୍ର, ସମବାୟ ସମିତି ସଭାପତି ବିଭୁପ୍ରସାଦ ସାହୁ, ସୂର୍ଯ୍ୟନାରାୟଣ ଚୌଧୁରୀ ଓ ପଞ୍ଚାୟତର ଜନପ୍ରତିନିଧି ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକଙ୍କ ଦ୍ୱାରା ବାଣ୍ଡପୁର ପଞ୍ଚାୟତରେ ୪୨ ଲକ୍ଷ ବ୍ୟୟଅଟକଳରେ ନିର୍ମିତ ନୂତନ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର ଉଦଘାଟିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ହଜାର ହଜାର ସଂଖ୍ୟାରେ ପୁରୁଷ ଓ ମହିଳା ସାମିଲ ଥିଲେ।




## ରଣପୁର ଏନ୍‌ଏସିରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

ରଣପୁର, ୭।୨(ସମିସ):ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ରଣପୁର ଏନ୍‌ଏସିରେ ସଫଳତାର ସହ ଅନୁଷ୍ଠିତ ହୋଇଛି। ମଞ୍ଚରେ ଉପସ୍ଥିତ ଥିଲେ ରଣପୁର ଏନ୍‌ଏସି ଅଧକ୍ଷା ଶ୍ରୀମତୀ ରଙ୍ଗୀନ ମହାନ୍ତି, ବିଶିଷ୍ଟ ଐତିହାସିକ ଏବଂ ଲେଖକ ସତ୍ୟବାଦି ବଳିଆରସିଂ, ରଣପୁର ସାହିତ୍ୟ ସଂସଦର ସଭାପତି ବିଜୟକୁମାର ଜେନା, ସମ୍ପାଦକ ନବକିଶୋର ସାମନ୍ତରାୟ, ପୁରସ୍କାର ପ୍ରାପ୍ତ ଶିକ୍ଷାବିତ୍ ବିରଞ୍ଚି ନାରାୟଣ ତ୍ରିପାଠୀ, ଶ୍ରୀମତୀ କଳ୍ପନା ରଥ ଏବଂ ରାଜକିଶୋର ପଟ୍ଟନାୟକ। କାର୍ଯ୍ୟକ୍ରମରେ ୧୩ ଜଣ ଲେଖକ, କବିଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ମାନିତ ବ୍ୟକ୍ତିବିଶେଷ ମାନେ ସତ୍ୟବାଦି ବଳିଆରସିଂ, ବିଜୟ କୁମାର ଜେନା, ବିରଞ୍ଚି ନାରାୟଣ ତ୍ରିପାଠୀ, ଶ୍ରୀମତୀ କଳ୍ପନା ରଥ, ତାରାପ୍ରସାଦ ଜେନା, ବଟୁଚରଣ ଦାସ, ବୃନ୍ଦାବନ ସ୍ୱାଇଁ, ଶ୍ରୀମତୀ ବୀଣାପାଣି ମହାପାତ୍ର, ପଦ୍ମନାଭ ପରିଡ଼ା, ଗୋଦାବରୀଶ ଦାସ, ସଦାଶିବ ପ୍ରହରାଜ, ଗୌର ଚରଣ ମହାପାତ୍ର ଏବଂ ଅର୍ଜୁନ ଦାସ ପ୍ରମୁଖ। ଏଥିସହ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ସ୍କୁଲ ଏବଂ କଲେଜର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।




## ବାଇଗୁଣିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସେମିରେ ଶରଧାପୁର



ଭାପୁର, ୭।୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକର ଅଗ୍ରଣୀ କ୍ରିଡା ଅନୁଷ୍ଠାନ ବାଇଗୁଣିଆ ୟୁଥ ସ୍ପୋର୍ଟ କ୍ଲବ ଆନୁକୂଲ୍ୟରେ ତନ୍ତୁବାୟ ସହଯୋଗ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ର ବୁଧବାର ଅନ୍ତିମ କ୍ୱାଟର ଫାଇନାଲରେ ଖୋର୍ଦ୍ଧା ଶରଧାପୁର ଫୁଟବଲ କ୍ଲବ ଆୟୋଜକ ବାଇଗୁଣିଆ ୟୁଥ ସ୍ପୋର୍ଟସ କ୍ଲବକୁ ୧-୦ ଗୋଲରେ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି। ଖେଳର ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ଶରଧାପୁର ଦଳ ତରଫରୁ ୬ ନମ୍ବର ଜର୍ସି ପରିହିତ ଖେଳାଳି ମାନସ ନାୟକ ଏକମାତ୍ର ନିର୍ଣ୍ଣାୟକ ଗୋଲ ବଳରେ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ଖେଳ ପରିଚାଳନା କରିଥିଲେ ଜଗନ୍ନାଥ ପରିଡ଼ା, ଲାଇନ୍ସରେ ସହଯୋଗ କରିଥିଲେ ସୁବାଷ ଚନ୍ଦ୍ର ବେହେରା ଓ ପ୍ରତାପ କୁମାର ମୁଦୁଲି। ଚତୁର୍ଥ ରେଫରି ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ ଆଶିଷ ପଟ୍ଟନାୟକ। ଅତିଥି ଭାବେ ପଠାଣୀ ସାମନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ଶତପଥୀ, ଅଧ୍ୟାପକ ଗୋପବନ୍ଧୁ ଚୌଧୁରୀ ଓ ସମାଜସେବୀ ନାରାୟଣ ମହାରଣା ଯୋଗଦେବେ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

ବନମାଳୀପୁର ଆର୍‌ଆଇଙ୍କ କଳାକାରନାମା

# ସରକାରୀ ଜମି ପଟା ଦେବାକୁ ୬ ଲକ୍ଷ ଲାଞ୍ଚ ଅଭିଯୋଗ

ଖଣ୍ଡପଡ଼ା, ୭।୨(ସମିସ): ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ତହସିଲ ଅଧୀନରେ ଥିବା ବନମାଳିପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ହୋଇଥିବା କେଲେଙ୍କାରି ଲୋକ ଲୋଚନକୁ ଆସିଛି। ନୂତନ ପଟା ପ୍ରଦାନ କରିବା, ସରକାରୀ ଜମି ଓ ଜାଗାକୁ ନାମରେ ରେକର୍ଡ କରାଇ ଦେବା ନାମରେ ଲକ୍ଷାଧିକ ଟଙ୍କା ହରିଲୁଟ କରିଥିବା ରାଜସ୍ୱ ନିରୀକ୍ଷକ ନାମରେ ଅଭିଯୋଗ ହୋଇଛି। ଠକାମିର ଶିକାର ହୋଇଥିବା ବ୍ୟକ୍ତିମାନଙ୍କ ଅଭିଯୋଗ ଅନୁଯାୟୀ ବନମାଳିପୁର ରାଜସ୍ୱ ନିରୀକ୍ଷକ ଉମେଶ ଚନ୍ଦ୍ର ଭୋଳ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରିଛନ୍ତି। ପୂର୍ବରୁ ଲାଞ୍ଚ କାରବାରରେ ନୂଆଗାଁ ତହସିଲ ଅଞ୍ଚଳରୁ ନିଲମ୍ବିତ ହୋଇଥିବା ଏହି ଅସାଧୁ ଅଫିସର ଜଣକ ବନମାଳିପୁର ଅଞ୍ଚଳରୁ ଦେଢ଼ ମାସରେ ୬ ଲକ୍ଷରୁ ଉର୍ଦ୍ଧ୍ୱରୁ ଟଙ୍କା ହଡପ କରିଥିବା ଅଭିଯୋଗ ଆସିଛି। ଏ ନେଇ ଶ୍ରୀ ଭୋଳଙ୍କୁ ଅଭିଯୋଗକାରୀ ମଙ୍ଗଳବାର ସନ୍ଧ୍ୟାରେ ଅଟକ ରଖିଥିଲେ। ସ୍ଥାନୀୟ ଲୋକଙ୍କ ଉପସ୍ଥିତରେ ଆଲୋଚନା ହେବା ପରେ ଶ୍ରୀ ଭୋଳଙ୍କୁ ସର୍ତ୍ତମୂଳକ ଭାବରେ ଛଡ଼ାଯାଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ ନିମପାଟଣା ଗ୍ରାମର ବିଶିଷ୍ଟ ବ୍ୟବସାୟୀ ସୁଧାକର ଦାସଙ୍କ ଠାରୁ ଡିସେମ୍ବର ୨୩ ତାରିଖରୁ ଜାନୁଆରୀ ୧୨ ତାରିଖ ଭିତରେ ୧୪ ଟି ପର୍ଯ୍ୟାୟରେ ଫୋନ ପେ ଏବଂ ନଗଦ ଟଙ୍କା ଆକାରରେ ୫ ଲକ୍ଷ ୨୮ ହଜାର ୯୦୦ ଟଙ୍କା, ବସନ୍ତପୁର ଗ୍ରାମର ବିଜୟ କୁମାର ସାହୁଙ୍କ ଠାରୁ ୧୦ ହଜାର ଟଙ୍କା, ରାଣୀଛେଲି ଗ୍ରାମର ନିରଞ୍ଜନ ଦାଶଙ୍କ ଠାରୁ ୭ ହଜାର ୧୧୧ ଟଙ୍କା, ପଥୁରିଆ ଗ୍ରାମର ଯାଜ୍ଞସେନୀ ପରିଡ଼ାଙ୍କ ଠାରୁ ୪୦ ହଜାର ଟଙ୍କା, ବନମାଳିପୁର ଗ୍ରାମର ଗଙ୍ଗାଧର ପରିଡ଼ାଙ୍କ ଠାରୁ ୨୦ ହଜାର ଟଙ୍କା ଏଇଭଳି ମୋଟ ୬ ଲକ୍ଷ ୬ ହଜାର ୧୧ ଟଙ୍କା ନେଇଥିବା ତଥ୍ୟ ନଜରକୁ ଆସିଛି। ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଦେଇଥିବା ସୁଧାକର ଦାସଙ୍କୁ ଟଙ୍କା ସୁଝିବା ପାଇଁ ରାଜସ୍ୱ ନିରୀକ୍ଷକ ଶ୍ରୀ ଭୋଳ ୬ଟି ବ୍ଲାଙ୍କ ଚେକ୍ ପ୍ରଦାନ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଦୁଇଟି ଚେକ ବାଉନ୍ସ ହୋଇଯାଇଥିବା ଅଭିଯୋଗ ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବାବୁ ଜଣକ ଠକି ନେଇଥିବା ଅର୍ଥରେ ବଡ ବଡ ହୋଟେଲ ଓ ରେସ୍ତୋରାଁରେ ରାତାରାତି ହଜାର ହଜାର ଟଙ୍କା ଖର୍ଚ୍ଚ କରୁଥିବା ସମଗ୍ର ଜିଲ୍ଲାରେ ଚର୍ଚ୍ଚା ହେଉଛି। ଏତତ ବ୍ୟତୀତ ଲକ୍ଷାଧିକ ଟଙ୍କାର ଦାମୀ ମୋବାଇଲ ବ୍ୟବହାର କରିବା ବାବୁଙ୍କର ସଉକ ଥିଲା ବୋଲି ଜଣାପଡ଼ିଛି। ଏଭଳି ଠକ ରାଜସ୍ୱ ନିରୀକ୍ଷକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗକାରୀମାନେ ଦାବି କରିଛନ୍ତି। ଏନେଇ ଜିଲ୍ଲାପାଳ ସ୍ୱଧାଦେବ ସିଂଙ୍କ ମତାମତ ନେବାରେ ଘଟଣା ବିଷୟରେ ଜାଣି ନଥିବା କହିବା ସହ ତଦନ୍ତ କରାଯିବ ବୋଲି କହିଛନ୍ତି।



# ୩ନଂ ଜୋନ୍‌ରେ ବିଜେଡିର ବାଇକ୍ ଶୋଭାଯାତ୍ରା



**ଖୋର୍ଦ୍ଧା/ନିରାକାରପୁର, ୭।୨(ସମିସ):** ୩ନଂ ଜୋନର ବିଭିନ୍ନ ପଞ୍ଚାୟତରେ ବିଜୁ ମହିଳା ଜନତା ଦଳ ରାଜ୍ୟ ବରିଷ୍ଠ ଉପସଭାପତି ବାସନ୍ତୀ ମହାପାତ୍ର ବାଇକ୍ ଶୋଭାଯାତ୍ରା କରି ଶକ୍ତି ପ୍ରଦର୍ଶନ କରିଛନ୍ତି। ବୁଧବାର ଶ୍ରୀମତୀ ମହାପାତ୍ର ଶୋଭାଯାତ୍ରା ରେ ୩ନଂ ଜୋନର ସମସ୍ତ ୱାର୍ଡରେ ପହଁଞ୍ôଚ ଘରେ ଘରେ ଶଙ୍ଖ ଓ ହୃଦୟଯୋଡ଼ଯାତ୍ରା କାର୍ଯ୍ୟକ୍ରମ ଆଧାରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବହୁବିଧ ଜନକଲ୍ୟାଣକାରୀ ଯୋଜନା ଓ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ ଭାବରେ ପ୍ରତିଷ୍ଠିତ କରିବାକୁ ଭେଦ ଭାବ ଭୁଲି କାର୍ଯ୍ୟ କରିବାକୁ କର୍ମୀଙ୍କୁ ପରାମର୍ଶ ଦେଇଛନ୍ତି। ବାଇକ୍ ଶୋଭାଯାତ୍ରା ରେ ଅନ୍ୟମାନଙ୍କ ମଧ୍ୟରେ କଂପୁର ପଞ୍ଚାୟତର ନରୋତ୍ତମ ପାଇକରାୟ, ସୋମନାଥ ବଳିୟାରସିଂହ, ବାସୁଦେବ କଳସ, ଶୈଳେଶ କୋଦମାସିଂହ, ଗୋଡିପଡ଼ା ପଞ୍ଚାୟତ ର ଉମେଶ ରାୟ, ସୁଜିତ ମାର୍ଥା, ଅଭିମନ୍ୟୁ ପ୍ରଧାନ, ଦୀପକ ମହାରଣା, ଜଙ୍କିଆ ପଞ୍ଚାୟତର କୁନା ଜେନା, ତପନ ଶ୍ରୀଚନ୍ଦନ, ଦୀପକ ବେହେରା, ତାପଙ୍ଗ ପଞ୍ଚାୟତ ର ମନୋଜ ପରିଡ଼ା, ରାଧାକାନ୍ତ ବାରିକ, ମମୁଲ ସଲିମ, କମଳାକାନ୍ତ ଛୁଆଳସିଂହ, ଧଉଳିମୁହଁ ପଞ୍ଚାୟତ ର ସୁଧୀର ବରାଳ, ହେମନ୍ତ ବେହେରା, ନିର୍ମଳ ମହାରଣା, କାଳୁ ସାହୁ, ବ୍ରଜମୋହନପୁର ପଞ୍ଚାୟତର ସନ୍ତୋଷ ବିଶ୍ୱାଳ, ସୁଜିତ ଅରିସଲ, ରାମ ରଣସିଂହ, ନରଣଗଡ଼ ପଞ୍ଚାୟତର ଦିପୁନ ଛୋଟରାୟ, ଦୀପକ ଜେନା, ପ୍ରଦୀପ ଲେଙ୍କା, ଅର୍ଜୁନ ପଟ୍ଟନାୟକ, ଓରବରସିଂହ ପଞ୍ଚାୟତର ତପନ ରଣସିଂହ, ଧନେଶ୍ୱର ସାହୁ, ଗୋଲବାଇ ପଞ୍ଚାୟତର ବିପିନ ବିହାରୀ ସେଠି, ଗୌରବ ପ୍ରସାଦ ଦାସ ଓ ପବିତ୍ର ସାମନ୍ତରାୟ ସାମିଲ ହୋଇଥିଲେ।

**ନୀଳାମ୍ବୁ ମହୋତ୍ସବର ପଞ୍ଚମ ସନ୍ଧ୍ୟା**

# ସମ୍ବଲପୁରୀ ନୃତ୍ୟରେ ଦର୍ଶକ ବିଭୋର

**ଟାଙ୍ଗୀ/କାଲୁପଡ଼ାଘାଟ, ୭।୨(ସମିସ)**



ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଦ୍ୱାରା ଆୟୋଜିତ ନୀଳାମ୍ବୁ ମହୋତ୍ସବର ପଞ୍ଚମ ସନ୍ଧ୍ୟାରେ ଆୟୋଜିତ ସଭାରେ ସାମ୍ବାଦିକ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳ ସଭାପତିତ୍ୱ କରିଥିବାବେଳେ ସମ୍ମାନିତ ଅତିଥିଭାବେ ସମ୍ବିତ ପାତ୍ର, ଯୁବ ସାମ୍ବାଦିକ ରାମ ନାରାୟଣ ଦାସ, ରାମଚନ୍ଦ୍ର ପରିଡ଼ା, ସମ୍ପାଦକ ମନୋଜ କୁମାର ପଟନାୟକ, ପ୍ରବକ୍ତା ସରୋଜ ପାଇକରାୟ ପ୍ରମୁଖ ଯୋଗଦେଇ ବିଲୁପ୍ତ ହୋଇଯାଉଥିବା ଲୋକକଳା, ପାରମ୍ପରିକ କଳା ସଂସ୍କୃତି ର ଉଜ୍ଜୀବିତ କରିବା ସହ ଏକ ଭାଇଚାରା ଭାବ ସୃଷ୍ଟି କରିବା ଏହିଭଳି ମହୋତ୍ସବର ଜନ୍ମ ବୋଲି ମତବ୍ୟକ୍ତ କରିଥିଲେ। ଆଜିର ସନ୍ଧ୍ୟାରେ ପଶ୍ଚିମବଙ୍ଗ ପୁରିଲିଆର ଛଉନାଚ, ସମ୍ବଲପୁରୀ ପ୍ରଣାମଟିମ ବୌଦ୍ଧର କଳାକାରମାନେ ଉପସ୍ଥିତ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ।

ଆଦର୍ଶ ବିଦ୍ୟାଳୟ ଟାଙ୍ଗୀ, ସଂଟେସନ ଡ୍ୟାନ୍ସ ଏକାଡେମୀ ଭୁବନେଶ୍ୱର, ଯୁପି ମଇ ସ୍କୁଲ ବୋଡ଼ଙ୍ଗରା, ଉତ୍କଳିକା ସଙ୍ଗୀତ ଏକାଡେମୀ, ନୂପୁର ଧ୍ୱନି ଏକାଡେମୀ, ମଦରଷ୍ଟାର ବାସୁଦେବ ଶିକ୍ଷା ସଂସ୍ଥା ଟାଙ୍ଗୀ, ସ୍କୁଲର ଛାତ୍ରଛାତ୍ରୀମାନେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ଜିଣିଥିଲେ। ମଞ୍ଚକୁ ଅଧ୍ୟାପକ ସତ୍ୟନାରାୟଣ ମହାପାତ୍ର ସଞ୍ଚାଳନ କରିଥିବା ବେଳେ କାର୍ଯ୍ୟକ୍ରମରେ ସାମ୍ବାଦିକ ସଂଘର ବରିଷ୍ଠ ସାମ୍ବାଦିକ ପ୍ରଦୋଷ ଦାସ, ମନୋଜ ନାଇଡୁ, ସନ୍ଦୀପନୀ ମିଶ୍ର, ଦୁର୍ଗା ପ୍ରସାଦ ଦାଶ, ପ୍ରଶାନ୍ତ କୁମାର ବେହେରା, କମଳ ଲୋଚନ ପାଇକରାୟ, ସୂର୍ଯ୍ୟକାନ୍ତ ସାହୁ, ରଜନୀକାନ୍ତ ମିଶ୍ର, ଅଭିଜିତ ଦାଶ, ଶଙ୍କର୍ଷଣ ବେହେରା, ରାକେଶ ମହାନ୍ତି, ରାକେଶ ଜଗଦେବ, ବାଲୁଙ୍କେଶ୍ୱର ବେହେରା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ମହୋତ୍ସବ ପଡ଼ିଆରେ ସରକାରଙ୍କ ବିଭିନ୍ନ ବିଭାଗ ଓ ଏସ.ଏସ.ଜି. ଗ୍ରୁପ ଷ୍ଟଲ ସହିତ ବିଭିନ୍ନ ଘରକରଣା ସାମଗ୍ରୀ ଷ୍ଟଲ ରେ ବହୁ ସଂଖ୍ୟାରେ ଭିଡ ଦେଖିବାକୁ ମିଳିଥିଲା।

■ ବିଜୁ ସ୍ୱାସ୍ଥ୍ୟ କାର୍ଡ ଦେଲା ନୂଆ ଜୀବନ

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ କୃଷ୍ଣଚନ୍ଦ୍ର

**ବେଗୁନିଆ, ୭।୨(ସମିସ):** ବେଗୁନିଆ ସଦରମହକୁମାସ୍ଥିତ ଶ୍ରୀକେୟାର ହସ୍ପିଟାଲରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ସହାୟତାରେ ପାରା ଅଂବ୍ଲିକାଲ ହାର୍ଣ୍ଣିଆ ଅପରେସନ୍ ହୋଇଛନ୍ତି। ସୂଚନା ଅନୁସାରେ ନୟାଗଡ଼ ଜିଲ୍ଲା ରଣପୁର ଥାନା ଅନ୍ତର୍ଗତ ବିନୋଦପଡ଼ା ଗ୍ରାମର



କୃଷ୍ଣଚନ୍ଦ୍ର ମହାପାତ୍ର (୭୪) ଦୀର୍ଘ ୩୦ ବର୍ଷ ଧରି ପାରା ଅମ୍ବିଲିକାଲ ହାର୍ଣ୍ଣିଆ ରୋଗରେ ପୀଡିତ ହୋଇଥିଲେ। ସେ ଅର୍ଥ ଅଭାବ ଯୋଗୁଁ ଚିକିତ୍ସିତ ହୋଇ ନ ପାରି ବିଭିନ୍ନ ଚିକିତ୍ସା ନିମିତ ଚେଷ୍ଟା ଜାରୀ କରି ଆସୁଥିଲେ। ତେବେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ତାଙ୍କ ପାଇଁ ବରଦାନ ସଦୃଶ ହୋଇଥିଲା। ଏହି କାର୍ଡରେ ଉପଲବ୍ଧ ଚିକିତ୍ସା ଖର୍ଚ୍ଚରେ ଶ୍ରୀ କେୟାର ହସ୍ପିଟାଲର ଅଧକ୍ଷ ବିଭୂତି ଭୂଷଣ ପଣ୍ଡାଙ୍କ ସହ ଯୋଗାଯୋଗ କରି ସଫଳତାର ସହ ତାଙ୍କ ଅସ୍ତ୍ରୋପଚାର କରାଯାଇଛି। ଅସ୍ତ୍ରୋପଚାର ପରେ ଶ୍ରୀ ମହାପାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି'ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି।

## କ୍ଷେତ୍ର ପରିଦର୍ଶନ କଲେ କୃଷି ଅଧିକାରୀ

**ଖୋର୍ଦ୍ଧା, ୭।୨( ସମିସ):** ଖୋର୍ଦ୍ଧା ବ୍ଲକ କୃଷି ବିଭାଗ ପକ୍ଷରୁ ସ୍ଥାନୀୟ ବରସାହି ଓ କେରଙ୍ଗ ପଞ୍ଚାୟତ ରେ



ରାଜ୍ୟ ପ୍ଲାନ ରେ କରାଯାଇଥିବା ମୁଗ, ବିରି, ସୋରିଷ, ଚିନାବାଦାମ କ୍ଷେତ୍ର ପରିଦର୍ଶନ କରିଥିଲେ। ସେଠାରେ ଉପସ୍ଥିତ ଚାଷୀଙ୍କୁ ଜୈବିକ ପଦ୍ଧତି ସାର ସୁପରିଚାଳନା, ରୋଗ ପୋକ ରୁ କିଭଳି ଏହି ଫସଲ କୁ ନିୟନ୍ତ୍ରଣ କରାଯାଇପାରିବ ସେ ନେଇ ପ୍ରଶିକ୍ଷଣ ଦେଇଥିଲେ।ଏହି କ୍ଷେତ୍ର ପରିଦର୍ଶନ ରେ ସହକାରୀ କୃଷି ଅଧିକାରିଣୀ ବିନୋଦିନି ଦେଇ, ସୁଶ୍ରୀ ସରୋଜିନୀ, ଙ୍କ ସହିତ କୃଷକ ସାଥି ବିଶ୍ୱନାଥ ସାହୁ, ଅର୍ଚ୍ଚନା ପ୍ରିୟଦର୍ଶିନୀ ନାୟକ ପ୍ରମୁଖ ଉପସ୍ଥିତ ଥିଲା ବେଳେ ଚାଷୀମାନେ ନିଜ ନିଜର ମତ ଉପସ୍ଥାପନ କରିଥିଲେ।

**ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ**

## କବି ଓ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧନା

**ବାଲୁଗାଁ, ୭।୨(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଆ ଭାଷା ସାହିତ୍ୟର ଋଦ୍ଧିମନ୍ତ କରିବା ଉଦ୍ଦେଶ୍ୟରେ ସାରା ରାଜ୍ୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠି ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବାଲୁଗାଁ ଏନ୍‌ଏସି ପକ୍ଷରୁ ଅଧକ୍ଷା ଶୁକାନ୍ତି ପାଇକରାୟଙ୍କ ପୌରୋହିତ୍ୟରେ ଏନ୍‌ଏସି କଲ୍ୟାଣମଣ୍ଡପରେ ଆୟୋଜିତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ବାଲୁଗାଁ ମହାବିଦ୍ୟାଳୟର ଅଧକ୍ଷା କଳ୍ପନା ଦାସ ଓ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ବିନତୀ ମଞ୍ଜରୀ ରାଉତ ଓ ବାଲୁଗାଁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ ପ୍ରମୁଖଙ୍କ ସମେତ ଏନ୍‌ଏସି ଉପାଧକ୍ଷ ଓ କାଉ୍ନଲରମାନେ ଯୋଗଦେଇ ପ୍ରଥମେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରି କାର୍ଯକ୍ରମକୁ ଶୁଭାରମ୍ଭ କରିଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟରର ସୁରକ୍ଷା ଲାଗି ଗୁରୁତ୍ୱ ଦେଇ ଯୁବ ପିଢି ଓଡିଆ ଭାଷାର



ବହୁଳ ବ୍ୟବହାର କରିବା ନିତାନ୍ତ ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଭାଷା, ସାହିତ୍ୟ, ସଂସ୍କୃତି, ଶିକ୍ଷା ଆଦି କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ସ୍ଥାନୀୟ ଅଞ୍ଚଳର କବି ଓ ସାହିତ୍ୟିକ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଭାଷା ସାହିତ୍ୟ ସଂସ୍କୃତି ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ମା' ଭାଗବତୀ କଳା ନିକେତନ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ୨୦୯ ବରିଷ୍ଠ ନାଗରିକ କରିବେ ତୀର୍ଥ ଭ୍ରମଣ



**ଖୋର୍ଦ୍ଧା, ୭।୨(ସମିସ):** ବରିଷ୍ଠ ନାଗରିକ ତୀର୍ଥଦର୍ଶନ ଲକ୍ଷ୍ୟରେ ରାଜ୍ୟ ସରକାର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା(ବିଏନଟିୱାଇ) କରିଛନ୍ତି। ଏହି କ୍ରମରେ ଜିଲ୍ଲା ପର୍ଯ୍ୟଟନ କାଯ୍ୟାଳୟ ପରିସରରୁ ଖୋର୍ଦ୍ଧା ଜିଲ୍ଲାର ବରିଷ୍ଠ ନାଗରିକ ତିରୁପତି-ଭେଲୁର ଅଭିମୁଖେ ଯାତ୍ରା କରିଛନ୍ତି। ବୁଧବାର ଠାରୁ ଆରମ୍ଭ ହୋଇଥିବା ଯାତ୍ରା ୧୩ ତାରିଖ ପର୍ଯ୍ୟନ୍ତ ଯାତ୍ରା କରିବେ। ଏଥିରେ ଖୋର୍ଦ୍ଧା, କଟକ, ଜଗତସିଂହପୁର, ଢେଙ୍କାନାଳ ଏବଂ କେନ୍ଦ୍ରାପଡ଼ା ଜିଲ୍ଲାର ବରିଷ୍ଠ ନାଗରିକ ରହିଛନ୍ତି। ଖୋର୍ଦ୍ଧା ଜିଲ୍ଲାର ୨୦୯ ବରିଷ୍ଠ ନାଗରିକ ଯାତ୍ରା କରୁଛନ୍ତି। ଏମାନଙ୍କ ସହ ୮ ଅଭିଜ୍ଞ ଅଫିସର ରହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଜିଲ୍ଲା ପରିଷଦ ଅଧକ୍ଷା ରୁପଶ୍ରୀରାଣୀ ଗୁମାନସିଂ, ଜିଲ୍ଲାପାଳ ଚଞ୍ଚଳ ରାଣା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ବିଏନଟିୱାଇ ଉପଦେଷ୍ଟା ଦୁର୍ଗା ସାମନ୍ତରାୟ ପ୍ରମୁଖ ଯୋଗଦେଇ ତୀର୍ଥଯାତ୍ରୀଙ୍କ ଶୁଭକାମନା ସହ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ସମସ୍ତ ଯାତ୍ରୀ ବସ୍ ଯୋଗେ ଭୁବନେଶ୍ୱର ଷ୍ଟେସନ ଅଭିମୁଖେ ଯାତ୍ରା କରିଥିଲେ। ସେଠାରୁ ଟ୍ରେନ୍ ଯୋଗେ ଯାତ୍ରା କରିବେ। ପର୍ଯ୍ୟଟନ ଅଧିକାରୀ ମୀରାବାଇ ବେହେରା ସଂଯୋଜନା କରିଥିଲେ।

## ମଦ ବେପାରୀ ଗିରଫ

**ଟାଙ୍ଗୀ, ୭।୨(ସମିସ):** ଟାଙ୍ଗୀ ଥାନା ଅଧିନସ୍ଥ ଜରିପଡ଼ା ପଞ୍ଚାୟତର ଦଧିବାବନପୁର ଓ ଜଟିଆପାଟଣାରେ ଅବକାରୀ ବିଭାଗ ତରଫରୁ ଚଢଉ କରାଯାଇ ୨ଜଣ ମଦ ବେପାରୀଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଖୋର୍ଦ୍ଧା ଅବକାରୀ ବିଭାଗର ମୋବାଇଲ ଇନ୍ସପେକ୍ଟର ତପସ୍ୱିନି ବରାଳଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା। ଦଧିବାନପୁରର ସୁରେନ୍ଦ୍ର ବେହେରା ଓରଫ କାଙ୍ଗା ଠାରୁ ୧୫ ଲିଟର ଦେଶୀ ମଦ ଓ ଜଟିଆପାଟଣାର ଗୋବିନ୍ଦ ଭୋଳଙ୍କଠାରୁ ୪ଲିଟର ଦେଶୀ ଚୋରାମଦ ଜବତ କରାଯାଇଥିବା ଅବକାରୀ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଦୀର୍ଘଦିନ ଧରି ସେମାନେ ଏହି ଚୋରା ଦେଶୀମଦ କାରବାର କରିଆସୁଥିଲେ।

## କଲେଜ ସମ୍ପତ୍ତିର ସୁରକ୍ଷା ଓ କାର୍ଯ୍ୟରେ ଅବହେଳା ; ଅଧକ୍ଷାଙ୍କୁ ନାଗରିକଙ୍କ ଦାବିପତ୍ର

**ନିରାକାରପୁର, ୭।୨(ସମିସ):** କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ସମ୍ପତ୍ତିର ସୁରକ୍ଷା ଓ କାର୍ଯ୍ୟରେ ଅବହେଳା କରୁଥିବା ଅଧାପକ, କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ନାଗରିକ ଅଧକ୍ଷାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କଲେଜ ପରିସରରୁ ମୂଲ୍ୟବାନ ବୃକ୍ଷକଟା ଯିବା ପୂର୍ବରୁ କଲେଜ ଉନ୍ନୟନ ପାଣ୍ଠିରୁ ମରାମତି ହୋଇ ଶ୍ରେଣୀ ଗୃହରୁ ଆରମ୍ଭ ହୋଇ ବିଭିନ୍ନ କାର୍ଯ୍ୟାଳୟ ପାଇଁ ନିୟୋଜିତ ହୋଇଥିବା ଆଜବେଷ୍ଟସ



ଗୃହ ଗୁଡ଼ିକୁ ଭାଙ୍ଗିବା ଓ ତାର ବିଭିନ୍ନ ଉପକରଣକୁ ନଷ୍ଟ କରିବା, ବାହାରକୁ ନେଇଯିବା, କଲେଜ ପରିସରରେ ବାହାର ବ୍ୟକ୍ତିଙ୍କର ଅନଧିକାର ପ୍ରବେଶ ସହ କଲେଜରେ ବାୟୋମେଟ୍ରିକ ଦେଇ ଅଧାପକ, କର୍ମଚାରୀ ବାହାରକୁ ଯାଇ ନିଜ ନିଜର କାର୍ଯ୍ୟ କରିବା, କୋଚିଂ ସେଣ୍ଟରରେ ଶିକ୍ଷାଦାନ, ଆଦାୟ କରାଯାଉଥିବା ଉନ୍ନୟନ ପାଣ୍ଠି ଛାତ୍ରଛାତ୍ରୀଙ୍କ ମୌଳିକ ସୁବିଧାରେ ଖର୍ଚ୍ଚ କରା ନଯାଉଥିବା ଭଳି ଅନେକ ସମସ୍ୟା ସମ୍ପର୍କରେ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ସବୁ ସମ୍ପର୍କରେ ୧୫ ଦିନ ମଧ୍ୟରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ନଚେତ୍ ବିରାଟ ଆନ୍ଦୋଳନର ସୂତ୍ରପାତ ଘଟିବ ଯେଉଁଥିପାଇଁ ଅଧକ୍ଷା ଦାୟୀ ରହିବେ ବୋଲି ଉଲ୍ଲେଖ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ନିରାକାରପୁର ପୂର୍ବତନ ସରପଞ୍ଚ ହୃଷୀକେଶ ରାଉତରାୟ, ଡିଆ ସରପଞ୍ଚ ପ୍ରଶାନ୍ତ ବେହେରା, ଇଣ୍ଡ୍ୱାର୍ଡ ସମ୍ପାଦକ ମୃତ୍ୟୁଞ୍ଜୟ ପ୍ରଧାନ, ସୁକାନ୍ତ ବେହେରା, ରାମେଶ୍ୱର ସମିତିସଭ୍ୟ ରମେଶ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଦେଉଳଟାଙ୍ଗି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଅରିସଲ ବିଜୟୀ

**ଖୋର୍ଦ୍ଧା, ୭।୨(ସମିସ):** ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ ଅନ୍ତର୍ଗତ ଦେଉଳଟାଙ୍ଗି ମା' ବଘେଇ କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ଟି-୧୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରେ ବୁଧବାର ମ୍ୟାଚ୍ ଅରିସଲ (ଭୁବନେଶ୍ୱର) ଓ ଟାଙ୍ଗୋଳ ମଧ୍ୟରେ ହୋଇଥିଲା। ପ୍ରଥମେ ଅରିସଲ ଦଳ ବ୍ୟାଟିଂ କରି ୧୦ ଓଭର ଖେଳି ୪ ୱିକେଟ୍‌ରେ ୧୪୪ ରନ୍ କରିଥିଲା। ଜବାବରେ ଟାଙ୍ଗୋଳ ଦଳ ୧୦ ଓଭର ଖେଳି ୯ ୱିକେଟ ହରାଇ ୧୧୮ ରନ୍ କରିଥିଲା। ଫଳରେ ଅରିସଲ(ଭୁବନେଶ୍ୱର) ଦଳ ୨୬ ରନ୍‌ରେ ବିଜୟୀ ହେଇଥିଲା। ଅରିସଲ ଦଳର ଶୁଭେନ୍ଦୁ ପ୍ରଧାନ ୩୮ ବଲରୁ ୧୨୧ ରନ କରି ୧ ୱିକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଖେଳକୁ ମଦନମୋହନ ସ୍ୱାଇଁ ଓ ଗୋପିନାଥ ମାଝି ପରିଚାଳନା କରିଥିବା ବେଳେ ସ୍କୋରର ଶିବାନୀ ମିଶ୍ର, ଭାଷ୍ୟକାର ଶ୍ରଦ୍ଧାନନ୍ଦ ପ୍ରଧାନ ଥିଲେ। ମୁଖ୍ୟ ଅତିଥିଭାବେ ଯୋଗୀନାଥ ସେନାପତି, ଶ୍ୟାମସୁନ୍ଦର ଜେନା, ମାନସ ରଞ୍ଜନ ପ୍ରଧାନ, କାଇପଦର ସେବା ସମବାୟ ସମିତିର ସମ୍ପାଦକ ଝଜ ସାମନ୍ତରାୟ, ନାଏବ ସରପଞ୍ଚ ସମ୍ୟରଞ୍ଜନ ସ୍ୱାଇଁ, ନୃସିଂହ ପ୍ରଧାନ ପ୍ରମୁଖ ଅତିଥିଭାବେ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ଭାଗବତ କଥା ମହୋତ୍ସବ ଉଦ୍‌ଯାପିତ

**କୁହୁଡି, ୭।୨(ସମିସ):** ସ୍ଥାନୀୟ ଗୀତାଭବନ ଆନୁକୂଲ୍ୟରେ ଚାଲିଥିବା ସପ୍ତଦିବସୀୟ ଶ୍ରୀମଦ୍ ଭାଗବତ କଥା ମହୋତ୍ସବର ବୁଧବାର ଉଦ୍‌ଯାପିତ ହୋଇଯାଇଛି।ସ୍ୱାମୀ ଶ୍ରୀମୁକୁନ୍ଦକୃଷ୍ଣଜୀ ମହାରାଜ ବହୁସଂଖ୍ୟାରେ ଭକ୍ତମାନଙ୍କୁ ଦୀକ୍ଷା ଦେବା ସହିତ ସବୁବେଳେ ପ୍ରଭୁ ଚିନ୍ତନ, ଜନମଙ୍ଗଳ କାର୍ଯ୍ୟ, ନିତ୍ୟ ଭାଗବତ ଗୀତା ପାଠ କରିବା ସହିତ ଶ୍ରୀଜଗନ୍ନାଥ ସଂସ୍କୃତିକୁ ଆପଣାଇବା ପରାମର୍ଶ ଦେଇଥିଲେ। ନାଗା ସାଧୁ ମହନ୍ତ ବିରେନ୍ଦ୍ର ଗିରି, ମହନ୍ତ ଉଦ୍ଧବ ଭାରତୀ ଓ ରଘୁନାଥ ଦାସ ମହାରାଜ ପ୍ରମୁଖ ଉପସ୍ଥିତ ଥିଲେ। ତପନ ଛୋଟରାୟ, ରଘୁନାଥ ବେହେରା, ଶଙ୍କର ବଡଜେନା, ମନୋଜ କୁମାର ମାନସିଂହ, ଦିବ୍ୟମ୍ ଜେନା, ହରିବନ୍ଧୁ ରାଉତରାୟ, ଗୁରୁ ବେହେରା, ଶିବ ପାଣି ଓ ପ୍ରଫୁଲ୍ଲ ନାୟକ ପ୍ରମୁଖ ସହଯୋଗ କରିଥିଲେ।

● କନ୍ତାଇଲୋ ବାଲାଜୀ କ୍ରିକେଟ୍

## ବାହାଡ଼ା କ୍ରିକେଟ୍ କ୍ଲବ୍ ବିଜୟୀ

**ବୋଲଗଡ଼, ୭।୨(ସମିସ):** ବାଙ୍କୋଇ ପଞ୍ଚାୟତ କନ୍ତାଇଲୋ ଖେଳ ପଡ଼ିଆରେ ଚାଲିଥିବା ବାଲାଜୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବୁଧବାର ତୃତୀୟ ଲିଗ ମ୍ୟାଚ୍‌ରେ ଖଣ୍ଡପଡ଼ା ବ୍ଲକ ବାହାଡା କ୍ରିକେଟ ଟିମ ୮ ଉଇକେଟରେ ବିଜୟୀ ହୋଇଛି। ପ୍ରଥମେ ରଣପୁର ବ୍ଲକ ଡିହଗାଁ କ୍ରିକେଟ ଟିମ ବ୍ୟାଟିଂ କରି ୧୧.୩ ଓଭର ରେ ୮୨ରନ କରି ଅଲଆଉଟ ହୋଇଥିଲା। ଜବାବରେ ବାହାଡା କ୍ରିକେଟ ଟିମ୍ ୮.୪ ଓଭର ରେ ଦୁଇ ଉଇକେଟ ବିନିମୟ ରେ ବିଜୟ ଲକ୍ଷ୍ୟ ହାସଲ କରିନେଇ ୮ ଉଇକେଟରେ ମ୍ୟା୍ ବିଜୟୀ ହୋଇଥିଲା। ଅମ୍ପାୟାର ଭାବେ ଶୁଭେନ୍ଦୁ ପ୍ରଧାନ, ବିକାଶ ପଣ୍ଡା ଓ ଦେବାଶିଷ ପାଇକରାୟ ମ୍ୟାଚ୍ ପରିଚାଳନା କରିଥିଲେ। ବିଜେତା ଟିମର ଖେଳାଳି ହୁସେନ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମୁଖ୍ୟ ଅତିଥି ରୂପେ ଆରିକିମା ସରପଞ୍ଚ ପ୍ରମୋଦ କୁମାର ରାଉତରାୟ ଏବଂ ସମ୍ମାନିତ ଅତିଥି ରୂପେ ଅସରଳା ପଞ୍ଚାୟତ ସମିତି ସଭ୍ୟ ପ୍ରତିନିଧି ଆଇନଜୀବୀ ପ୍ରଦୀପ କୁମାର ମହାପାତ୍ର, ଅସରଳା ପଞ୍ଚାୟତ ସମିତି ସଭ୍ୟ ପ୍ରତିନିଧି ସୁଶାନ୍ତ କୁମାର ପାଇକରାୟ ଏବଂ ବାଙ୍କୋଇ ସମିତିସଭ୍ୟ ରଞ୍ଜନ କୁମାର ଲେଙ୍କା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ଦେଶୀ ମଦ ଜବତ ; ଜଣେ ଗିରଫ

**ବେଗୁନିଆ, ୭।୨(ସମିସ):** ବେଗୁନିଆ ଅବକାରୀ ଥାନା ପକ୍ଷରୁ ବୁଧବାର ଦିନ ଅତର୍କିତ ଭାବେ ଚଢ଼ାଉରେ ଅଭିଯୁକ୍ତଙ୍କ ଠାରୁ ଦେଶୀ ମଦ ଓ ବାଇକ ଜବତ କରି କୋର୍ଟ ଚାଲାଣ କରିଛି। ବେଗୁନିଆ ଅବକାରୀ ଥାନା ଅଧିକାରୀ ଏନ ଜାଗିନ ରାଓଙ୍କ ସୂଚନା ମୁତାବକ କଟକ ଜିଲ୍ଲା ବୈଦେଶ୍ୱର ଥାନା ଅନ୍ତର୍ଗତ କଡ଼ାମଲ ଗ୍ରାମର ଗଙ୍ଗାଧର ପ୍ରଧାନ ବାଇକ ଯୋଗେ ଗେଡ଼ିଆପଲ୍ଲୀ ବଜାର ନିକଟରେ ୨୫ ଲିଟର ଦେଶୀମଦ ଧରି ବିକ୍ରୀ କରୁଥିବା ସମୟରେ ପୁଲିସ ପହଞ୍ଚି ଗିରଫ କରିଛି।

■ ନିରାକାରପୁର ବିଦ୍ୟୁତ୍ କାର୍ଯ୍ୟାଳୟ ତାଲା ବନ୍ଦ ଘଟଣା

# ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା

**ନିରାକାରପୁର, ୭।୨(ସମିସ)**

ବିଦ୍ୟୁତ ବିଭ୍ରାଟ ଯୋଗୁଁ ନିରାକାରପୁର ଅଞ୍ଚଳରେ ଜନଅସନ୍ତୋଷ ଦେଖା ଦେବାପରେ ଗତ ୩୧ ତାରିଖରେ ଆଞ୍ଚଳିକ ପ୍ରତିନିଧି ମଣ୍ଡଳ ତରଫରୁ ନିରାକାରପୁର ବିଦ୍ୟୁତ୍ କାର୍ଯ୍ୟାଳୟ ତାଲା ବନ୍ଦ କରାଯାଇଥିଲା। ସମସ୍ୟା ସମାଧାନ ନହେବା ପର୍ଯ୍ୟନ୍ତ ଅଫିସ ବନ୍ଦ ରଖିବାକୁ ଆନ୍ଦୋଳନକାରୀ କହିବା ପରେ ଖୋର୍ଦ୍ଧା ବିଦ୍ୟୁତ୍ ବିଭାଗ ନିର୍ବାହୀଯନ୍ତ୍ରୀ ପବିତ୍ର କୁମାର ଜେନା, ଜଙ୍କିଆ ଉପଖଣ୍ଡ ଅଧିକାରୀ ଭାଗ୍ୟବାନ ପ୍ରଧାନ ଓ ନିରାକାରପୁର କନିଷ୍ଠ ଯନ୍ତ୍ରୀ ରିତେଶ ସିଂହ ପ୍ରମୁଖ ଆସି ନିରାକାରପୁର ରାମ ମନ୍ଦିର ପରିସରରେ ଆଞ୍ଚଳିକ ପ୍ରତିନିଧି ମଣ୍ଡଳୀ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରି କିଛି ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ସହିତ



ଆଗକୁ ଅନ୍ୟ ସମସ୍ୟାଗୁଡ଼ିକର ସମାଧାନ କରିବାକୁ ଉଦ୍ୟମ କରାଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଛନ୍ତି।

ପ୍ରକାଶ ଥାଉ ଏହି ବିଦ୍ୟୁତ୍ ସେକସନ ଅଧୀନରେ ୧୨ଟି ପଞ୍ଚାୟତ ଉପଭୋକ୍ତାମାନେ ଉପକୃତ ହେଉଛନ୍ତି। ରାଜ୍ୟ ସରକାର ବିଦ୍ୟୁତ୍ ବିଭାଗକୁ ଟାଟା କମ୍ପାନୀକୁ ହସ୍ତାନ୍ତର କରିବା ପରେ ଅଧିକାଂଶ ସମୟ ଅଘୋଷିତ ବିଦ୍ୟୁତକାଟ୍ ହେଉଛି ଏବଂ ଲୋ ଭୋଲଟେଜ ସମସ୍ୟା, ବିଦ୍ୟୁତ ମିଟର ରିଡିଙ୍ଗ ରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଫଳରେ ବିଦ୍ୟୁତ ଉପଭୋକ୍ତାମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟାଟା କମ୍ପାନୀ ଲୋକମାନଙ୍କୁ ଶୋଷଣ କରୁଥିବା ନେଇ ଜନସାଧାରଣ ଅସ୍ତବ୍ୟସ୍ତ। ଉପଭୋକ୍ତା ମାନଙ୍କର ବିଭିନ୍ନ ସମସ୍ୟା ନେଇ ବାରମ୍ବାର ବିଦ୍ୟୁତ୍ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। କିନ୍ତୁ ବିଦ୍ୟୁତ୍ ବିଭାଗ ଉପଭୋକ୍ତାମାନଙ୍କ ଦାବିକୁ ସମାଧାନ କରିବାରେ ବିଫଳ ହୋଇଛି। ପ୍ରତିବାଦରେ ଗତ ୩୧ ତାରିଖ ରେ ୧୨ଖଣ୍ଡ ପଞ୍ଚାୟତର ନିର୍ବାଚିତ ଲୋକ ପ୍ରତିନିଧି, ବୁଦ୍ଧିଜୀବୀ, ଉପଭୋକ୍ତାମାନେ ନିରାକାରପୁର ଗଣେଶ ପଡ଼ିଆ ଠାରୁ ଶୋଭାଯାତ୍ରାରେ ବାହାରି ବିଦ୍ୟୁତ୍ କାର୍ଯ୍ୟାଳୟ ଠାରେ ପହଁଞ୍ôଚବା ପରେ କର୍ମଚାରୀ ନିଜେ ଫାଟକରେ ତାଲା ପକାଇବା ପରେ ଆନ୍ଦୋଳନକାରୀ ଧାରଣା ଦେଇଥିଲେ। ସମାଧାନ ସଭାରେ ବରିଷ୍ଠ ନେତା ବିପିନ କୁମାର ଜୟସିଂହ, ଆବାହକ ୧୨ ନଂ ଜିଲ୍ଲା ପରିଷଦ ସଭ୍ୟ ବିଜୟ ପାଲଟାସିଂହ, ଯୁବନେତା ବିଧି ଭୂଷଣ ମହାରଣା, ବ୍ଲକ ଉପାଧକ୍ଷ ଦୁର୍ଗା ନାଥ ଶର୍ମା, ସରପଞ୍ଚ ଭିକାରୀ ବଳିଆରସିଂହ ପ୍ରମୁଖଙ୍କ ସମେତ ବହୁ ନିର୍ବାଚିତ ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ସଞ୍ଜୟ ପଟ୍ଟନାୟକଙ୍କୁ ମିଳିବ ଡକ୍ଟରେଟ୍ ଡିଗ୍ରୀ ସମ୍ମାନ

**ଖୋର୍ଦ୍ଧା, ୭।୨(ସମିସ):** ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ଚଳିତ ବର୍ଷ ଆଲିଆନସ ଆମେରିକାନ୍ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ସମାଜସେବୀ ସଞ୍ଜୟ ପଟ୍ଟନାୟକଙ୍କୁ ଆସନ୍ତା ୧୦ ତାରିଖ ଦିନ ସମ୍ମାନଜନକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।



ସୂଚନା ଯୋଗ୍ୟ, ଶ୍ରୀ ପଟ୍ଟନାୟକ ୧୯୭୪ ମସିହାରେ ଜନ୍ମଗ୍ରହଣ କରିଥିବା ବେଳେ ପିଲାଟି ଦିନରୁ ତାଙ୍କର ସମାଜସେବା ପ୍ରତି ଆଗ୍ରହ ପରିପ୍ରକାଶ ହୋଇଥିଲା। ଶିକ୍ଷା ସମାପ୍ତ ପରେ ୧୯୯୫ ମସିହା ଠାରୁ ଓଡ଼ିଶାର ବିଶିଷ୍ଟ ସମାଜସେବୀ ତଥା ପିପୁଲ୍ ଫୋରମର ପ୍ରତିଷ୍ଠାତା ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକଙ୍କ ସଂସ୍ପର୍ଶରେ ଆସି ପିପୁଲସ୍ ଫୋରମ୍‌ରେ ଯୋଗଦାନ କରି ଦେଶର ବିଭିନ୍ନ ସ୍ଥାନରେ ସମାଜସେବା ମୂଳକ କାର୍ଯ୍ୟକ୍ରମ କରୁଛନ୍ତି। ଶ୍ରୀ ପଟ୍ଟନାୟକ ନିଜ ଜନ୍ମମାଟି ଖୋର୍ଦ୍ଧା ଜିଲ୍ଲାରେ ବହୁ ଶିକ୍ଷାନୁଷ୍ଠାନ, କ୍ରୀଡ଼ା, ସାମଜିକ ଓ ସାଂସ୍କୃତିକ ଅନୁଷ୍ଠାନରେ ଉପଦେଷ୍ଟା ଭାବେ କାର୍ଯ୍ୟ କରି ଅଞ୍ଚଳର ସାମାଜିକ, କ୍ରୀଡ଼ା, ସାଂସ୍କୃତିକ ଓ ସ୍ୱାସ୍ଥ୍ୟସେବାର ବିକାଶ ନିମନ୍ତେ ବହୁ କାର୍ଯ୍ୟକ୍ରମ କରିଛନ୍ତି।

ତାଙ୍କର ଏହି ସମାଜସେବାମୂଳକ କାର୍ଯ୍ୟକ୍ରମ ପାଇଁ ବିଗତ ଦିନ ମାନଙ୍କରେ ଅନେକ ଅନୁଷ୍ଠାନ ପକ୍ଷରୁ ବହୁ ସମ୍ମାନ ଓ ପୁରସ୍କାର ପ୍ରଦାନ କରାଯାଇଛି। ତାଙ୍କର ଏହି ଉଲ୍ଲେଖନୀୟ କୃତିତ୍ୱ ପାଇଁ ନୂଆଦିଲ୍ଲୀ ଠାରେ ଆସନ୍ତା ୧୦ ତାରିଖରେ ପ୍ରସିଦ୍ଧ ଶିକ୍ଷାନୁଷ୍ଠାନ ଆଲିଆନସ ଆମେରିକାନ୍ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ସମ୍ମାନଜନକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯିବ ବୋଲି ଜଣାଯାଇଛି।

## ଟ୍ରେନ୍‌ରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ବାଲୁଗାଁ, ୭।୨(ସମିସ):** ବାଲୁଗାଁ ରେଳ ଷ୍ଟେସନରେ ଟ୍ରେନରୁ ମଙ୍ଗଳବାର ସନ୍ଧ୍ୟାରେ ଜଣେ ବ୍ୟକ୍ତିଙ୍କ ମୃତ ଦେହ ଉଦ୍ଧାର କରିଛି ରେଳ ବିଭାଗ ପୁଲିସ। ମୃତକ ହେଲେ ତେଲେଙ୍ଗାନା ଖମାମ ଅଞ୍ଚଳର ନସମ ସାମାଇହାଙ୍କ ପୁଅ ନସମ ପ୍ରଭାକର (୪୭)। ସୂଚନା ମୁତାବକ ନସମ ପ୍ରଭାକର ଭୂଷଣ କମ୍ପାନୀରେ କାର୍ଯ୍ୟରତ ଥିବା ବେଳେ ସେ ସ୍ତ୍ରୀ ଓ ଝିଅଙ୍କୁ ସାଙ୍ଗରେ ନେଇ କୌଣସି କାର୍ଯ୍ୟରେ କୋଣାର୍କ ଏକ୍ସପ୍ରେସ ଟ୍ରେନ ଯୋଗେ ବିଜୟୱାଡା ଯାଉଥିଲେ। ମଙ୍ଗଳବାର ସନ୍ଧ୍ୟାରେ ନସମ ଟ୍ରେନ ରେ ଅସୁସ୍ଥତା ଅନୁଭବ କରିବାରେ ରେଳ ବିଭାଗ ପୁଲିସ ବାଲୁଗାଁ ଷ୍ଟେସନ ରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଚିକିତ୍ସା ନିମନ୍ତେ ବାଲୁଗାଁ ଡାକ୍ତରଖାନାରେ ନେଇ ଭର୍ତି କରାଇଥିଲେ। ଡାକ୍ତର ସେଠାରେ ନସମଙ୍କୁ ଦେଖି ମୃତ ଘୋଷଣା କରିଥିଲେ। ମୃତ୍ୟୁ ର କାରଣ ଅସ୍ପଷ୍ଟ ଥିବା ବେଳେ ବୁଧବାର ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି।

